Bhubaneswar- 6 August 2026
ଭୁବନେଶ୍ୱର- ୬ ଅଗଷ୍ଟ ୨୦୨୬
Vol- 1 Issue - 100
ଭାଗ- ୧ ସଂଖ୍ୟା- ୧୦୦
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
# THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୨୦୧୦୦୭

# ଲୋକସଭାରେ ବ୍ୟାଙ୍କର୍ସ ବୁକ୍ସ ବିଲ୍ ପାରିତ

### ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ

### ଅଦାଳତରେ ବ୍ୟାଙ୍କର ଇଲେକ୍ଟ୍ରୋନିକ୍ ରେକର୍ଡକୁ ସାକ୍ଷ୍ୟ ଭାବେ ଉପସ୍ଥାପନ କରିବା ହେବ ସହଜ



**ନୂଆଦିଲ୍ଲୀ:** ବିରୋଧୀ ଦଳର ହଟ୍ଟଗୋଳ ମଧ୍ୟରେ ବୁଧବାର ଲୋକସଭାରେ କୌଣସି ଆଲୋଚନା ବିନା ବ୍ୟାଙ୍କର୍ସ ବୁକ୍ସ ଏଭିଡେନ୍ସ (ସଂଶୋଧନ) ବିଲ୍ ପାରିତ ହୋଇଛି। ଗୃହରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ନାରାବାଜି କରୁଥିବା ବେଳେ ସରକାର ବିଲ୍‌ଟିକୁ ଧ୍ୱନିମତରେ ପାରିତ କରିଥିଲେ। ସୂଚନା ଅନୁସାରେ, ବିଲ୍‌ଟି ଲୋକସଭାରେ ଉପସ୍ଥାପନ ହେବାବେଳେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରୁଥିବାରୁ ବିଲ୍ ଉପରେ ବିସ୍ତୃତ ଆଲୋଚନା ସମ୍ଭବ ହୋଇନଥିଲା। ଏହା ସତ୍ତ୍ୱେ ବାଚସ୍ପତିଙ୍କ ଅନୁମତିକ୍ରମେ ବିଲ୍‌ଟିକୁ ଧ୍ୱନିମତରେ ପାରିତ କରାଯାଇଥିଲା। ଏହି ସଂଶୋଧନ ବିଲ୍‌ର ଉଦ୍ଦେଶ୍ୟ ହେଉଛି ବ୍ୟାଙ୍କର ରେକର୍ଡ ଓ ହିସାବ ପୁସ୍ତକ ସମ୍ବନ୍ଧୀୟ ଆଇନକୁ ଡିଜିଟାଲ୍ ଯୁଗ ସହ ସାମଞ୍ଜସ୍ୟପୂର୍ଣ୍ଣ କରିବା। ବ୍ୟାଙ୍କଗୁଡ଼ିକରେ ଇଲେକ୍ଟ୍ରୋନିକ୍ ରେକର୍ଡ ଓ ଡିଜିଟାଲ୍ ଡକ୍ୟୁମେଣ୍ଟର ବ୍ୟବହାର ବଢ଼ିଥିବାରୁ ସେଗୁଡ଼ିକୁ ଆଇନଗତ ସାକ୍ଷ୍ୟ ଭାବେ ଅଧିକ ସ୍ପଷ୍ଟ ଭାବେ ସ୍ୱୀକୃତି ଦେବା ପାଇଁ ଏହି ସଂଶୋଧନ ଅଣାଯାଇଛି। ଏହା ଫଳରେ ଅଦାଳତରେ ବ୍ୟାଙ୍କର ଇଲେକ୍ଟ୍ରୋନିକ୍ ରେକର୍ଡକୁ ସାକ୍ଷ୍ୟ ଭାବେ ଉପସ୍ଥାପନ କରିବା ପ୍ରକ୍ରିୟା ଅଧିକ ସହଜ ହେବ ବୋଲି ସରକାର କହିଛନ୍ତି।

## ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟସଭାରେ ବିଲ୍ ଗୃହୀତ

ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ସଂକ୍ରାନ୍ତ ବିଲ୍ ତଥା ସୁପ୍ରିମକୋର୍ଟ (ନମ୍ବର ଅଫ ଜଜେସ୍) ଆମେଣ୍ଡମେଣ୍ଟ ବିଲ୍, ୨୦୨୬ ଆଜି ରାଜ୍ୟସଭାରେ ବାଚନିକ ଭୋଟ୍‌ରେ ଗୃହୀତ ହୋଇଯାଇଛି। ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟାବୃଦ୍ଧି ନେଇ ପୂର୍ବରୁ ସରକାର ଆଣିଥିବା ଅଧ୍ୟାଦେଶକୁ ଆଇନରେ ପରିଣତ କରିବାପାଇଁ ଏହି ବିଲ୍ ଆସିଛି।ରାଜ୍ୟସଭାରେ ଏହି ବିଲ୍ ଗୃହୀତ ହେବାପରେ ଏହାକୁ ଲୋକସଭାକୁ ଫେରାଯାଇଛି। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସହ ଏକ ବିସ୍ତୃତ ଆଲୋଚନା ପରେ ଏହି ବିଲ୍‌କୁ ଲୋକସଭାକୁ ଫେରାଯାଇଛି। ମେଘୱାଲ କହିଛନ୍ତି, ଏହା ନ୍ୟାୟପାଳିକା ସଂସ୍କାରର ଏକ ଅଂଶବିଶେଷ ଏବଂ ପଡ଼ି ରହିଥିବା ମାମଲା ଗୁଡ଼ିକର ଏହାଦ୍ୱାରା ଶୀଘ୍ର ସମାଧାନ ହୋଇପାରିବ। ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ନ୍ୟାୟିକ ଦକ୍ଷତା ବୃଦ୍ଧି ଦିଗରେ ଏହା ଏକ ପଦକ୍ଷେପ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଲୋକସଭାରେ ଗତ ସୋମବାର ଦିନ ଏହି ବିଲ୍‌ଟି ଗୃହୀତ ହୋଇ ସାରିଛି।

### ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକରେ ତ୍ରୁଟି

# କୌଣସି ଯଥାର୍ଥତା ନାହିଁ : ଗଣଶିକ୍ଷା ବିଭାଗ

### ■ ସଂଶୋଧନ ପ୍ରକ୍ରିୟା ଜାରି, ଖୁବଶୀଘ୍ର ମିଳିବ ନୂଆ ବହି

**ଭୁବନେଶ୍ୱର :** ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକରେ ତ୍ରୁଟି ରହିଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ନେଇ ରାଜ୍ୟ ସରକାର ମୁହଁ ଖୋଲିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଜି ନିଜର ଅଫିସିଆଲ 'ଏକ୍ସ' ହ୍ୟାଣ୍ଡଲରେ ଏହି ଖବରର କୌଣସି ଯଥାର୍ଥତା ନାହିଁ ବୋଲି କହିଛି। ଶିକ୍ଷାବିତ୍ ଓ ବିଷୟ ବିଶେଷଜ୍ଞମାନଙ୍କ ମତାମତ ଆଧାରରେ ସଂଶୋଧନ କାର୍ଯ୍ୟ ଚାଲିଛି ଓ ଏହା ସମ୍ପୂର୍ଣ୍ଣ ହେବାପରେ ଖୁବଶୀଘ୍ର ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଭାଗ ସ୍ପଷ୍ଟ କରିଛି। ଇଂରାଜୀ ମାଧ୍ୟମ ଘରୋଇ ସ୍କୁଲଗୁଡ଼ିକରେ ପଢ଼ାଯାଉଥିବା ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକ 'ଝୁଲଣା-୧'ରେ ବ୍ୟାପକ ତ୍ରୁଟି ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ରାଜ୍ୟ ସରକାର ଆଜି ନିଜର ସ୍ପଷ୍ଟୀକରଣ ଦେଇଛନ୍ତି। ସୂଚନା ଅନୁସାରେ, ଇଂରାଜୀ ମାଧ୍ୟମ ଘରୋଇ ସ୍କୁଲଗୁଡ଼ିକରେ ପଢ଼ାଯାଉଥିବା ପ୍ରଥମ ଶ୍ରେଣୀ ଓଡ଼ିଆ ପାଠ୍ୟପୁସ୍ତକ 'ଝୁଲଣା-୧'ରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣକୁ ନେଇ ତ୍ରୁଟିପୂର୍ଣ୍ଣ ତଥ୍ୟ




ଦିଆଯାଇଥିବା ଅଭିଯୋଗ ହୋଇଛି। ବହିର ସୂଚୀପତ୍ର ପୂର୍ବରୁ ଥିବା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର 'ଘନ ଘନ ବନଭୂମି' ପଦକୁ 'ଘନ ବନଭୂମି' ଲେଖାଯାଇଥିବା ଓ ଜାତୀୟ ସଙ୍ଗୀତରେ 'ଉତ୍କଳ' ଶବ୍ଦକୁ 'ଉତ୍ଳଳ' ଲେଖାଯାଇଛି। ତେବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଏପର୍ଯ୍ୟନ୍ତ ପିଲାଙ୍କୁ ଦିଆଯାଇନାହିଁ। କେବଳ ଅଭିଭାବକ ଓ ଶିକ୍ଷକମାନଙ୍କୁ ଏହି ପାଠ୍ୟପୁସ୍ତକର ପିଡିଏଫ କପି ପଠାଯାଇ ତାକୁ ପ୍ରିଣ୍ଟ କରିବା ପାଇଁ କୁହାଯାଇଥିବା ଅଭିଯୋଗ ହୋଇଛି। ସ୍କୁଲଗୁଡ଼ିକୁ ସଂଶୋଧିତ ପୁସ୍ତକ ଦିଆଯିବା ପରିବର୍ତ୍ତେ ୧୭୧ ପୃଷ୍ଠାର ପିଡିଏଫ ଫାଇଲ ପଠାଯାଉଥିବାରୁ ଅଭିଭାବକମାନେ ଟଙ୍କା ଖର୍ଚ୍ଚ କରି ଏହାର ପ୍ରିଣ୍ଟ କାଢ଼ିବାକୁ ବାଧ୍ୟ ହେଉଛନ୍ତି। ଘରୋଇ ସ୍କୁଲର ଶିକ୍ଷକମାନଙ୍କ କହିବା ଅନୁସାରେ, ଉପରୁ ଯାହା ନିର୍ଦ୍ଦେଶକ ଆସୁଛି ତାକୁ ସେମାନେ ବାଧ୍ୟ ହୋଇ ପଢ଼ାଉଛନ୍ତି। ତେବେ ତ୍ରୁଟିପୂର୍ଣ୍ଣ ତଥ୍ୟ ଥିବାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭ୍ରମାତ୍ମକ ଶିକ୍ଷା ପ୍ରସାରିତ ହେବାର ଭୟ ରହିଛି। ଅଭିଭାବକ ଓ ଶିକ୍ଷକମାନଙ୍କୁ ଦିଆଯାଇଥିବା ଏହି ପିଡିଏଫ(ବହି) ଏସସିଇଆରଟି ଦ୍ୱାରା ପ୍ରସ୍ତୁତ ହୋଇଛି ଓ ସେଥିରେ କେତେକ ଶିକ୍ଷାବିତ୍ ଓ ବିଶେଷଜ୍ଞଙ୍କ ନାଁ ମଧ୍ୟ ଉଲ୍ଲେଖ ରହିଛି। ତେଣୁ ଏଭଳି ତ୍ରୁଟି କିପରି ହେଲା ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ତେବେ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବାପରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଗକୁ ଆସିଛି। ବିଭାଗ ସ୍ପଷ୍ଟ କରିଛି ଯେ, ସଂଶୋଧିତ ପାଠ୍ୟପୁସ୍ତକରେ ତ୍ରୁଟି ଥିବା ନେଇ ପ୍ରଚାର କରାଯାଉଥିବା ଖବରର କୌଣସି ଯଥାର୍ଥତା ନାହିଁ। ପାଠ୍ୟପୁସ୍ତକଗୁଡ଼ିକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ଗୁଣାତ୍ମକ କରିବା ପାଇଁ ଶିକ୍ଷାବିତ୍ ଓ ବିଷୟ ବିଶେଷଜ୍ଞମାନଙ୍କ ପ୍ରତ୍ୟକ୍ଷ ତଦାରଖରେ ସଂଶୋଧନ କାର୍ଯ୍ୟ ଏବେ ଜାରି ରହିଛି। ଖୁବଶୀଘ୍ର ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଭାଗ କହିଛି।

## ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ପ୍ରକଳ୍ପ ପାଇଁ ମାଟି ପରୀକ୍ଷା ଆରମ୍ଭ



**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ପ୍ରସ୍ତାବିତ ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ପ୍ରକଳ୍ପ ପାଇଁ ମାଟି ପରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଆଜି କଳିଙ୍ଗ ହସ୍ପିଟାଲ ଛକରେ ୨ଟି ସ୍ଥାନରେ ଏହାର କାମ ଆରମ୍ଭ ହୋଇଛି।ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଟ୍ରାଫିକ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟ୍ରାଫିକ ଆଡଭାଇଜରୀ ଜାରି କରାଯାଇଛି। ମାଟି ପରୀକ୍ଷା ଯୋଗୁ ଆଗାମୀ ଦେଢ଼ ମାସ ଧରି ଏହି ବ୍ୟସ୍ତବହୁଳ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଯାତ୍ରୀମାନଙ୍କୁ ସତର୍କ କରାଯାଇଛି।ଆସନ୍ତାକାଲି (ଅଗଷ୍ଟ ୬ ତାରିଖ) ଠାରୁ ଏହି ମାଟି ପରୀକ୍ଷା କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ। ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। କଳିଙ୍ଗ ଷ୍ଟାଡିୟମର ୭ ଏବଂ ୮ ନମ୍ବର ଗେଟ୍, ପାଲ୍ ହାଇଟ୍ସ ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଏବଂ କିଟ୍ (KIIT) ଛକ ସହିତ ୧୮୦ ସ୍ଥାନରେ ଏହି ପରୀକ୍ଷା ହେବ।ମାଟି ପରୀକ୍ଷା ପ୍ରକ୍ରିୟା ସମୟରେ ରାସ୍ତାର କିଛି ଅଂଶକୁ ଅସ୍ଥାୟୀ ଭାବରେ ଅବରୋଧ କରାଯିବ। ଏହାର ଫଳସ୍ୱରୂପ ଟ୍ରାଫିକ ଧୀମା ହେବା ସହ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି, ବିଶେଷ କରି ବେହେରା ସାହି ଛକରୁ କିଟ୍ ଛକ ମଧ୍ୟରେ। ସମ୍ଭାବ୍ୟ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ଯଥାସମ୍ଭବ ଏହି ରାସ୍ତାକୁ ଏଡ଼ାଇବାକୁ ଏବଂ ଯାତ୍ରା ସମୟ କମାଇବା ପାଇଁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।ଏହି ମାଟି ପରୀକ୍ଷା କାର୍ଯ୍ୟ ଶେଷ ନହେବା ପର୍ଯ୍ୟନ୍ତ ନିଜର ଯାତ୍ରା ପାଇଁ ପୂର୍ବରୁ ଯୋଜନା କରିବାକୁ ଟ୍ରାଫିକ ପୁଲିସ ଅନୁରୋଧ କରିଛି। ଏହା ସହିତ ରାସ୍ତାରେ ନିୟୋଜିତ ଥିବା ଟ୍ରାଫିକ କର୍ମଚାରୀଙ୍କୁ ସହଯୋଗ କରିବା ପାଇଁ ସାଧାରଣ ଜନତାଙ୍କୁ ନିବେଦନ କରାଯାଇଛି।

### ୨୨ ବର୍ଷ ପରେ ନିର୍ଦ୍ଦୋଷରେ ଖଳାସ

# ହାଇକୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କଲେ ସୁପ୍ରିମକୋର୍ଟ


### ◆ ଏକ ଟ୍ରିପଲ୍ ମର୍ଡର ମାମଲାରେ ସଜା ଭୋଗୁଥିଲେ

**ନବରଙ୍ଗପୁର :** ଏକ ଟ୍ରିପଲ୍ ମର୍ଡର ମାମଲାରେ ନିର୍ଦ୍ଦୋଷ ହୋଇ ମଧ ଦୀର୍ଘ ୨୨ ବର୍ଷ କାରାଗାରରେ ବିତାଇବା ପରେ ଶେଷରେ ନ୍ୟାୟ ପାଇଛନ୍ତି ନବରଙ୍ଗପୁର ଜିଲ୍ଲା ହିର୍ଲି ଗାଁର ଅର୍ଜୁନ ଜାନି। ମଙ୍ଗଳବାର ସୁପ୍ରିମ୍ କୋର୍ଟ ତାଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ତାଙ୍କ ବିରୋଧରେ ଦାଖଲ ହୋଇଥିବା ପ୍ରମାଣଗୁଡ଼ିକ 'ଅବିଶ୍ୱସନୀୟ' ବୋଲି ଦର୍ଶାଇବା ସହ ଓଡ଼ିଶା ହାଇକୋର୍ଟଙ୍କ ଏକ ପ୍ରକ୍ରିୟାଗତ ତ୍ରୁଟି ଯୋଗୁଁ ଅର୍ଜୁନଙ୍କୁ ଆଉ ଅତିରିକ୍ତ ୧୦ ବର୍ଷ ଜେଲ୍‌ରେ ରହିବାକୁ ପଡ଼ିଲା ବୋଲି କହି ସର୍ବୋଚ୍ଚ ଅଦାଲତ ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ କରିଛନ୍ତି।ଜଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ କେ. ଭିନୋଦ ଚନ୍ଦ୍ରନ୍‌ଙ୍କ ପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ ସମାଜର ଅବହେଳିତ/ପଛୁଆ ବର୍ଗଙ୍କ ନିକଟରେ ନ୍ୟାୟ ଏବେ ବି ଅପହଞ୍ଚ ହୋଇ ରହିଯାଇଛି। ଏହାସହ ଅର୍ଜୁନଙ୍କ ପୁନର୍ବାସ ଏବଂ ସ୍ଥାୟୀ ରହିବା ବ୍ୟବସ୍ଥାରେ ଆବଶ୍ୟକ ସାହାଯ୍ୟ ଯୋଗାଇଦେବାକୁ ସୁପ୍ରିମ୍ କୋର୍ଟ ଜିଲ୍ଲା



ପ୍ରଶାସନ ଏବଂ ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।୨୦୦୪: ତିନିଜଣଙ୍କୁ ହତ୍ୟା ମାମଲାରେ ଅର୍ଜୁନ ଜାନିଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା।୨୦୦୬: ଟ୍ରାଏଲ୍ କୋର୍ଟ (ନିମ୍ନ ଅଦାଲତ) ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ।୨୦୧୬ (ଜାନୁଆରୀ ୧୧): ୩,୧୫୭ ଦିନର ଆବେଦନ ବିଳମ୍ବ ଦର୍ଶାଇ ଓଡ଼ିଶା ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ସୁପ୍ରିମ୍ କୋର୍ଟଙ୍କ ହସ୍ତକ୍ଷେପ: ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ସେ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହା ପରେ ଗତ ମେ' ମାସରେ କୋର୍ଟ ତାଙ୍କୁ ଜାମିନ ଦେଇ ଆବେଦନ ଗ୍ରହଣ କରିଥିଲେ। ସୁପ୍ରିମ୍ କୋର୍ଟ କହିଛନ୍ତି ଯେ, ଟ୍ରାଏଲ୍ କୋର୍ଟ ପ୍ରମାଣଗୁଡ଼ିକର ସଠିକ୍ ଆକଳନ କରିବାରେ ବିଫଳ ହୋଇଥିବା ବେଳେ ହାଇକୋର୍ଟ ପ୍ରକ୍ରିୟାଗତ କାରଣ ଦର୍ଶାଇ ଆବେଦନକୁ ଖାରଜ କରି କେବଳ 'ନୀରବ ଦ୍ରଷ୍ଟା' ସାଜି ରହିଗଲେ। କୋର୍ଟ ଆହୁରି କହିଛନ୍ତି ଯେ ୩୧୫୭ ଦିନର ବିଳମ୍ବକୁ ନାକଚ କରି ହାଇକୋର୍ଟ ଆବେଦନ ଖାରଜ କରିବା ନିଷ୍ପତ୍ତି ଆମକୁ ଅତ୍ୟନ୍ତ ଦୁଃଖିତ ଓ ଚିନ୍ତିତ କରିଛି। ଯେଉଁଠାରେ ଆଦେଶ ଆସିବା ବେଳକୁ ଅଭିଯୁକ୍ତ ୧୨ ବର୍ଷ ଜେଲ୍‌ରେ କାଟିସାରିଥିଲେ, ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଯୋଗୁଁ ତାଙ୍କୁ ଆଉ ୧୦ ବର୍ଷ ଅତିରିକ୍ତ ଜେଲ୍ ଭୋଗିବାକୁ ପଡ଼ିଲା। କୌଣସି ନିର୍ଭରଯୋଗ୍ୟ ପ୍ରମାଣ ନଥାଇ ଜଣେ ନିରୀହ ବ୍ୟକ୍ତି ନିଜ ଜୀବନର ୨୨ ବର୍ଷ କାରାଗାର ଭିତରେ ବିତାଇଦେଲେ।

## ଲାଞ୍ଚ ନେବା ପଡିଲା ମହଙ୍ଗା ରାଜସ୍ୱ ସହାୟକ ନିଲମ୍ବିତ



**ଖଡ଼ିଆଳ :** ଦୁର୍ନୀତି ପ୍ରତି ନୂଆପଡ଼ା ଜିଲା ପ୍ରଶାସନର ଶୂନ୍ୟ ସହନଶୀଳତା ନୀତିକୁ ପୁନର୍ବାର ସ୍ପଷ୍ଟ କରି ଜିଲାପାଳ ମଧୁସୂଦନ ଦାଶ ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ଅଭିଯୋଗରେ ଖଡ଼ିଆଳ ପଞ୍ଚାୟତ ସମିତିର ବରିଷ୍ଠ ରାଜସ୍ୱ ସହାୟକ ମୋହନ ବାଗଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରାଯାଇଛି।ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏକ ଭିଡିଓରେ ମୋହନ ବାଗ ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ଅଭିଯୋଗ ଉଠିଥିଲା। ଏହି ଘଟଣା ସମ୍ପର୍କରେ ଖଡ଼ିଆଳ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-କମ-ନିର୍ବାହୀ ଅଧିକାରୀଙ୍କ ପୃଥକ ରିପୋର୍ଟ ଆଧାରରେ ତୁରନ୍ତ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୋଗର ଗୁରୁତ୍ୱକୁ ବିଚାରକୁ ନେଇ ଏବଂ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବିତ ଥିବାରୁ ଓଡ଼ିଶା ସିଭିଲ ସର୍ଭିସେସ (ଶ୍ରେଣୀକରଣ, ନିୟନ୍ତ୍ରଣ ଓ ଅପିଲ) ନିୟମାବଳୀ, ୧୯୬୨ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ଅବଧିରେ ତାଙ୍କର ମୁଖ୍ୟାଳୟ ସିନାପାଲି ତହସିଲ କାର୍ଯ୍ୟାଳୟରେ ନିର୍ଦ୍ଧାରଣ କରାଯାଇଛି। ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବାନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

## ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ଛାତ୍ରଙ୍କ ମୃତ୍ୟୁ

**ଢେଙ୍କାନାଳ :** ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଘଟଣାଟି ଢେଙ୍କାନାଳ ଜିଲ୍ଲା ଭୁବନ ଉଚ୍ଚ ବିଦ୍ୟାଳୟର। ମୃତ ଛାତ୍ରଙ୍କ ନାଁ ମଙ୍ଗରାଜ ସାଥୁଆ ମହାପାତ୍ର। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସବୁଦିନ ଭଳି ଆଜି ମଙ୍ଗରାଜ ବିଦ୍ୟାଳୟକୁ ଆସିଥିଲେ। ଶ୍ରେଣୀ ଗୃହରେ ସେ ଠିକ୍‌ଠାକ୍ ଥିଲେ। ମଧ୍ୟାହ୍ନ ଭୋଜନ ସମୟରେ ସେ ଅନ୍ୟ ଛାତ୍ରଛାତ୍ରୀଙ୍କ ସହିତ ବସି ଖାଇଥିଲେ। କିନ୍ତୁ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ସେ ହଠାତ୍ ଥରିବା ସହିତ ବାନ୍ତି କରିଥିଲେ। ସ୍କୁଲର ଦୁଇ ଜଣ ଶିକ୍ଷକ ସଙ୍ଗେ ସଙ୍ଗେ ମଙ୍ଗରାଜଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା, ତାହା ସଠିକ୍ ଭାବେ ଜଣାପଡ଼ିନାହିଁ। ଖବର ପାଇ ଡାକ୍ତରଖାନାରେ ପହଞ୍ଚିଥିଲେ ଭୁବନ ଗୋଷ୍ଠୀ ଶିକ୍ଷା ଅଧିକାରୀ। ସେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। କେଉଁ ପରିସ୍ଥିତିରେ ଛାତ୍ରଙ୍କର ମୃତ୍ୟୁ ହେଲା, ସେ ନେଇ ବିଇଓ ତଦନ୍ତ କରୁଥିବା ଜଣାପଡ଼ିଛି।

### ଏବିପିଏମଜେଏୱାଇ–ଜିଜେଏୱାଇ

# ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ

### ■ ଆଉ ୯୧ ସ୍ୱତନ୍ତ୍ର ପ୍ୟାକେଜ ସାମିଲ

**ଭୁବନେଶ୍ୱର:** ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ, ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ଓଡ଼ିଶା ସରକାର ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଥିବା ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପି.ଏମ୍.ଜେ.ଏ.ୱାଇ.) ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ.)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରାଯାଇଛି। ଏହା ଫଳରେ ରାଜ୍ୟର କ୍ୟାନସର ରୋଗୀମାନେ ଅଧିକ ସଂଖ୍ୟକ ଜଟିଳ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ପାଇପାରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି ଯେ, କ୍ୟାନସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବେ। ୨୦୨୬-୨୭ ବଜେଟରେ ଏଥି ନିମନ୍ତେ ୩୧୧ କୋଟି ପ୍ରବଧାନ କରାଯାଇଛି। ଗୋଷ୍ଠୀ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ-ହବ ଏବଂ ସ୍ପୋକ ମଡେଲ ଏବଂ ମାଗଣା ଯାତାୟତ ସୁବିଧା ନିମନ୍ତେ ଖର୍ଚ୍ଚ ହେବ। ଓଡ଼ିଶାରେ ଏ.ବି.ପି.ଏମ୍.ଜେ.ଏ.ୱାଇ. ଓ ଜି.ଜେ.ଏ.ୱାଇ.ର ସମନ୍ୱିତ କାର୍ଯ୍ୟକାରିତା ଆରମ୍ଭ ବେଳେ ଏହି ଯୋଜନାରେ ୨୧୬୩ଟି ଚିକିତ୍ସା ପ୍ୟାକେଜ ଉପଲବ୍ଧ ଥିଲା। ବର୍ତ୍ତମାନ ୯୧ଟି ନୂତନ ପ୍ୟାକେଜ ସାମିଲ ହେବା ପରେ ମୋଟ ଚିକିତ୍ସା ପ୍ୟାକେଜର ସଂଖ୍ୟା ୨୨୫୪ରେ ପହଞ୍ଚିଛି। କ୍ୟାନସର ଭଳି ଜଟିଳ ଓ



ପ୍ରାଣଘାତୀ ରୋଗରେ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଏବଂ ବୈଜ୍ଞାନିକ ଚିକିତ୍ସା ଅତ୍ୟନ୍ତ ଜରୁରୀ। ଏହି ରୋଗର ଚିକିତ୍ସା ସର୍ଜରୀ, କେମୋଥେରାପି, ରେଡିଏସନ, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ବହୁ ବିଭାଗର ସମନ୍ୱିତ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ। ସାଧାରଣ ଲୋକ ଏହି ରୋଗରେ ପୀଡ଼ିତ ହୋଇ ଖର୍ଚ୍ଚାନ୍ତ ହେଉଥିବାରୁ ଓଡ଼ିଶା ସରକାର ଏହାକୁ ଦୃଷ୍ଟିରେ ରଖି କ୍ୟାନସର ଚିକିତ୍ସା ପ୍ୟାକେଜକୁ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସାମିଲ କରିଛନ୍ତି।

# ଭିଜିଲାନ୍ସ ଜାଲରେ ୨ ଆରଟିଓ କର୍ମଚାରୀ

### ୨୬,୦୦୦ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ

**ରାଉରକେଲା:** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରାଉରକେଲା ଆର.ଟି.ଓ. କାର୍ଯ୍ୟାଳୟର ଡିଲିଂ କ୍ଲର୍କ-କମ୍-ନାଇଟ୍ ୱାଚର ନିରଞ୍ଜନ ଷଣ୍ଢ ଏବଂ ଆଇ.ଟି. ଏକ୍‌ଜିକ୍ୟୁଟିଭ୍ ଧର୍ମେନ୍ଦ୍ର କୁମାର ବେହେରା। ନିକଟରେ ଇଣ୍ଡସଇଣ୍ଡ ବ୍ୟାଙ୍କ ଠାରୁ ନିଲାମ ବିକ୍ରି ମାଧ୍ୟମରେ କିଣାଯାଇଥିବା ଦୁଇଟି ଟ୍ରକର ଫ୍ରେଶ୍ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍/ନୂତନ ପଞ୍ଜୀକରଣ ପ୍ରମାଣପତ୍ର ଆବେଦନର



ପ୍ରକ୍ରିୟାକରଣ ପାଇଁ ମାଲିକଙ୍କଠାରୁ ୨୬,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଏହି ଦୁଇ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଟ୍ରକ୍ ଦୁଇଟିର ପୂର୍ବତନ ମାଲିକ ଇଣ୍ଡସଇଣ୍ଡ ବ୍ୟାଙ୍କରୁ ଆଣିଥିବା ଋଣ ପରିଶୋଧ କରିପାରି ନଥିଲେ। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ଟ୍ରକ୍‌ଦୁଇଟିକୁ ନିଲାମ କରିଥିଲେ। ନୂଆ ମାଲିକ ବ୍ୟାଙ୍କଠାରୁ ଉକ୍ତ ଦୁଇ ଟ୍ରକ୍ କିଣିଥିଲେ। ଓଡ଼ିଶା ସରକାରଙ୍କ ପରିବହନ ବିଭାଗର ନିୟମ ଅନୁଯାୟୀ, ନିଲାମ ହୋଇଥିବା ଟ୍ରକର ନୂତନ ମାଲିକ ନିଜର ଦୁଇଟି ଟ୍ରକ୍ ପାଇଁ ରାଉରକେଲା ଆର.ଟି.ଓ. କାର୍ଯ୍ୟାଳୟରେ ଏଫଆରସି ପାଇଁ ଆବେଦନ କରିଥିଲେ। ମାଲିକଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଡିଲିଂ କ୍ଲର୍କ ନିରଞ୍ଜନ ଷଣ୍ଢ ଏଫଆରସି ପ୍ରଦାନ ପାଇଁ ତାଙ୍କ ଆବେଦନର ପ୍ରକ୍ରିୟାକରଣ କରୁନଥିଲେ। ଏହା ବଦଳରେ ସେ ଟ୍ରକ୍ ମାଲିକଙ୍କଠାରୁ ୨୬,୦୦୦ ଟଙ୍କା (ଟ୍ରକ୍ ପିଛା ୧୩,୦୦୦ ଟଙ୍କା ହିସାବରେ) ଲାଞ୍ଚ ଦାବି କରିଥିଲେ।ଲାଞ୍ଚ କଥା ଶୁଣି ଟ୍ରକ୍ ମାଲିକ ଅସନ୍ତୁଷ୍ଟ ହୋଇଥିଲେ ଓ ଏହି ବିଷୟରେ ସେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଯୋଜନା ପ୍ରକାରେ ଟ୍ରକ୍ ମାଲିକ ଆଜି ଲାଞ୍ଚ ଅର୍ଥ ଦେଇଥିଲେ। ଡିଲିଂ କ୍ଲର୍କ ନିରଞ୍ଜନ ଷଣ୍ଢ ଏବଂ ଆଇ.ଟି. ଏକ୍‌ଜିକ୍ୟୁଟିଭ୍ ଧର୍ମେନ୍ଦ୍ର କୁମାର ବେହେରା ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ସେମାନଙ୍କୁ କାବୁ କରିଥିଲା।

## ସମ୍ପାଦକୀୟ

# ଅନନ୍ୟତାର ଅନାବରଣ

ବିଳମ୍ବରେ ହେଲେ ବି ଏକ ବିଶିଷ୍ଟ ତଥା ବୃହତ୍ କାର୍ଯ୍ୟ ସମ୍ପାଦନ ହୋଇଯାଇଛି ଯାହାକି ଜାତୀୟସ୍ତରରେ ଜଣେ ମହାନ ଓଡ଼ିଆଙ୍କୁ ତାଙ୍କ ମୃତ୍ୟୁର ଦୀର୍ଘବର୍ଷ ପରେ ବି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶୈଳୀରେ ତାଙ୍କୁ ସମ୍ମାନିତ କରାଯାଇଛି। ଯାହାକି କେବଳ ଓଡ଼ିଶା ରାଜ୍ୟ ପାଇଁ ନୁହେଁ, ସମଗ୍ର ଭାରତ ଦେଶ ପାଇଁ ଏକ ମହତ୍ୱପୂର୍ଣ୍ଣ ବିଷୟ। ଓଡ଼ିଶାର ଏଭଳି ବ୍ୟକ୍ତିତ୍ୱ ଯେ କି ବିଶ୍ୱରେ ବି ବିରଳ। କାରଣ ତାଙ୍କର ଗୁଣ ଚରିତ୍ର ସମ୍ପୂର୍ଣ୍ଣ କଳଙ୍କମୁକ୍ତ ଥିବା ସହ ତାଙ୍କର କାର୍ଯ୍ୟ ଦକ୍ଷତା ମଧ୍ୟ ସେହିଭଳି ଉନ୍ନତ, ବିକଶିତ ଏବଂ ସମାଜ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଥିଲା। ରାଜ୍ୟରେ କୌଣସି ବି ବିପର୍ଯ୍ୟୟ ସମୟରେ ସେ ସତେ ଯେମିତି ଏକ ଦେବଦୂତ ଭଳି ଉଭା ହୋଇଯାଉଥିଲେ। ବିଶେଷକରି ବନ୍ୟା,ବାତ୍ୟା, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ରାଜ୍ୟର ବିପନ୍ନ ଏବଂ ଦୁର୍ଗତମାନଙ୍କ ପାଇଁ ଯେଉଁଭଳି ଭାବେ ନିଜକୁ ସମର୍ପିତ ଭାବ ନେଇ ଲୋକଙ୍କ ସେବାରେ ନିୟୋଜିତ କରୁଥିଲେ ତାହା ତତ୍କାଳୀନ ସମାଜରେ , ତତ୍କାଳୀନ ସମୟରେ ଏକ ବିଶେଷତ୍ୱର ପରିଚୟ ଦେଉଥିଲା ଯାହା ଥିଲା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ଆଉ କେହି ନୁହଁନ୍ତି.. ଉତ୍କଳର ବରପୁତ୍ର, ଉତ୍କଳର ସୁଯୋଗ୍ୟ ସନ୍ତାନ, ଦୀନଦରିଦ୍ରର ବନ୍ଧୁ, ଶତାୟୁ ସମାଜର ପ୍ରତିଷ୍ଠାତା,ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ଉତ୍କଳମଣି-ଭାରତମଣି ପଣ୍ଡିତ ଗୋପବନ୍ଧୁଙ୍କୁ ମରଣୋତ୍ତର ଏକ ବିଶେଷ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପରେ ତାହା ଅନାବରଣ କରାଯାଇଛି ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଏଇ ତିନି ତାରିଖରେ, ଶ୍ରାବଣର ପ୍ରଥମ ସୋମବାରରେ। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ସ୍ଥିତ ଲୋକସେବକ ମଣ୍ଡଳ କାର୍ଯ୍ୟାଳୟ ପରିସରସ୍ଥ ଲାଜପତ ଭବନ ପରିସରରେ। ଗୋପବନ୍ଧୁଙ୍କ ସେହି ପ୍ରତିମୂର୍ତ୍ତିର ଅନାବରଣ କେବେ ବି ଏକ ସାଧାରଣ କଥା ବା ଘଟଣା ନୁହେଁ। ଅନାବରଣ ଉତ୍ସବରେ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଯୋଗଦାନ ନିଶ୍ଚିତରୂପେ ଏକ ବିଶେଷ ଘଟଣା। ଅନାବରଣ ସମାରୋହରେ ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତତ୍ୱ ମଧ୍ୟ ଥିଲେ ଉପସ୍ଥିତ। ଅବସୋସର ବିଷୟ ଯେ ସେତେବେଳେ କୌଣସି ମିଡ଼ିଆ ଅବା ଗଣମାଧ୍ୟମ ସେତେ ଉନ୍ନତ ନଥିଲା। ପଣ୍ଡିତ ଗୋପବନ୍ଧୁ ଯେ କେତେ ସରଳ, ନିଷ୍କପଟ ଏବଂ ସମାଜ ପ୍ରତି ଏତେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ , ତାହା ବି ସାଧାରଣ ଭାଷାରେ ବର୍ଣ୍ଣନା କରିବା ସେତେ ସହଜ ନୁହେଁ। ଏଣୁ ସେ ତ ସେଥିପାଇଁ କେବଳ ରାଜ୍ୟ ଭିତରେ ସୀମିତ ରହିଯାଇଥିଲେ ନଚେତ ଯଦି ନିଜକୁ ନିଜେ ଅତିରଞ୍ଜିତ କରିବାକୁ ଚେଷ୍ଟା କରିଥାନ୍ତେ , ତେବେ ପଣ୍ଡିତ ଗୋପବନ୍ଧୁ ମଧ୍ୟ ଜାତୀୟ ସ୍ତରରେ ନିଜକୁ ପରିଚିତ କରାଇପାରିଥାନ୍ତେ। କହିବା ବାହୁଲ୍ୟ ଯେ ଗୋପବନ୍ଧୁଙ୍କ ମଧ୍ୟରେ ଥିବା ମାନବୀୟ ସଦଗୁଣ ଏବଂ ସମାଜ ପ୍ରତି ତାଙ୍କର ସମର୍ପିତ ବ୍ୟକ୍ତିତ୍ୱ , ଯାହା କେବଳ ଓଡ଼ିଶାରେ କି ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଯେ ବିରଳ ...ଏ କଥାକୁ ଅବଶ୍ୟ ସ୍ୱୀକାର କରାଯାଇପାରେ। ତେବେ ବିଶ୍ୱସ୍ତରୀୟ ବ୍ୟକ୍ତିତ୍ୱର ଅଧିକାରୀ କେବେ ଭାରତର ସ୍ୱାଧୀନତା ପ୍ରାପ୍ତି ପାଇଁ ଦେଶକୁ ପରାଧୀନତାରୁ ମୁକ୍ତି ଦେବା ପାଇଁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଜାତୀୟ ଆନ୍ଦୋଳନରେ ଝାସଦେଇ ଏବଂ ସମାନ୍ତରାଳ ଭାବେ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସ୍ୱପ୍ନକୁ ସାକାର କରିବାରେ ନିଜର ସକ୍ରୀୟ ଯୋଗଦାନ ଦେଇଥିବା ଜଣେ ମହାନ ବ୍ୟକ୍ତିତ୍ୱଙ୍କ୍ ପ୍ରତିମୂର୍ତ୍ତିକୁ ଦିଲ୍ଲୀରେ ଅନାବରଣରେ ମାତ୍ରାଧିକ ବିଳମ୍ବ ନିଶ୍ଚିତରୂପେ ଏକ ପରିତାପର ବିଷୟ। ବହୁତ ଆଗରୁ ଏପରି ହେବାର ଥିଲା, ଯେପରି ସାରାଭାରତ ଗୋପବନ୍ଧୁଙ୍କ ଗୌରବମୟ ଗାଥାକୁ ଆହୁରି ଆଗରୁ ଜାଣିପାରି,ସେ ବିଷୟରେ ଅବଗତ ହୋଇପାରିଥାନ୍ତା। ରାଜ୍ୟରେ ଅବା ଦେଶରେ ଆଜିର ସମୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବେ ବି ଭାରି ମନେ ପଡ଼ନ୍ତି ଉତ୍କଳମଣି। ଏଣୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଗୋପବନ୍ଧୁଙ୍କ ନୀତି ଆଦର୍ଶ ସମ୍ବଳିତ ତଥ୍ୟକୁ ଉଭୟ ଜାତୀୟ ଏବଂ ରାଜ୍ୟ ସ୍ତରରେ ପାଠ୍ୟପୁସ୍ତକରେ ସ୍ଥାନିତ କରି ସେ ବିଷୟରେ ସମାଜକୁ ଅବଗତ କରିବାର ଆବଶ୍ୟକତା ରହିଛି ଯାହାକି ଏକ ସୁନ୍ଦର ସମାଜ ଗଠନରେ ସହାୟକ ହୋଇପାରିବ।

# ଛାତ୍ରଙ୍କ କୃତିତ୍ୱ

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥିଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହାରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

### ଶ୍ରାବଣର ପାଣିଭାର

# ଭକ୍ତି, ପରମ୍ପରା ଓ ପୌରାଣିକ ବିଶ୍ୱାସର ସମନ୍ୱୟ



**ସୁବ୍ରତ କୁମାର ଦାସ**

ଶ୍ରାବଣ ମାସ ଆସିଲେ ପ୍ରତ୍ୟେକ ଧାର୍ମିକ ଜୀବନ ଏକ ନୂତନ ଚେତନାରେ ଉଲ୍ଲସିତ ହୋଇଉଠେ। ଚାରିଆଡ଼େ ‘ହର ହର ମହାଦେବ’ ଓ ‘ବୋଲ ବମ୍’ର ଧ୍ୱନିରେ ପରିବେଶ ମୁଖରିତ ହୁଏ। ହଜାର ହଜାର କାଉଡ଼ିଆ ଭକ୍ତ କାନ୍ଧରେ ପାଣିଭାର ବହନ କରି ମାଇଲ ମାଇଲ ପଦଯାତ୍ରା କରି ଭଗବାନ ଶିବଙ୍କ ମସ୍ତକରେ ପବିତ୍ର ଜଳ ଅର୍ପଣ କରନ୍ତି। ଏହା କେବଳ ଏକ ଧାର୍ମିକ ରୀତି ନୁହେଁ; ଏହା ଭାରତୀୟ ସଂସ୍କୃତି, ଆସ୍ଥା, ତ୍ୟାଗ ଓ ଆଧ୍ୟାତ୍ମିକତାର ଏକ ଚିରନ୍ତନ ପ୍ରତୀକ।

ଏହି ପରମ୍ପରାର ମୂଳ ଭାରତୀୟ ପୁରାଣରେ ନିହିତ। ସମୁଦ୍ର ମନ୍ଥନ ସମୟରେ ଅମୃତ ସହିତ ଏକ ଭୟଙ୍କର ବିଷ ଗରଳ ବାହାରିଥିଲା। ସେହି ବିଷର ପ୍ରଭାବରେ ସମଗ୍ର ସୃଷ୍ଟି ବିନାଶର ସମ୍ମୁଖୀନ ହୋଇଥିଲା। ଦେବତା ଓ ଅସୁରମାନଙ୍କ ପ୍ରାର୍ଥନାରେ ଭଗବାନ ଶିବ ସୃଷ୍ଟିର କଲ୍ୟାଣ ପାଇଁ ସେହି ବିଷ ପାନ କରିଥିଲେ। ପାର୍ବତୀ ଦେବୀ ଶିବଙ୍କ କଣ୍ଠକୁ ଚାପି ଧରିଥିବାରୁ ବିଷ ତାଙ୍କ କଣ୍ଠରେ ଅଟକି ରହିଥିଲା ଏବଂ ସେ ନୀଳକଣ୍ଠ ନାମରେ ପରିଚିତ ହେଲେ।

କୁହାଯାଏ, ବିଷର ପ୍ରଖର ଉତ୍ତାପକୁ ପ୍ରଶମିତ କରିବା ପାଇଁ ଦେବତାମାନେ ଭଗବାନ ଶିବଙ୍କ ମସ୍ତକରେ ଗଙ୍ଗାଜଳ ଅଭିଷେକ କରିଥିଲେ। ଏହି ବିଶ୍ୱାସରୁ ଶିବଙ୍କୁ ଜଳାଭିଷେକ କରିବାର ପରମ୍ପରା ପ୍ରଚଳିତ ହୋଇଥିବା କଥା ଲୋକବିଶ୍ୱାସରେ ମିଳେ। ଶ୍ରାବଣ ମାସରେ ଶିବଙ୍କୁ ପବିତ୍ର ଜଳ ଅର୍ପଣ କରିବା ଏହି ପୌରାଣିକ ଘଟଣାର ସ୍ମୃତି ବହନ କରେ।

ଅନ୍ୟ ଏକ ଲୋକପ୍ରିୟ କିମ୍ବଦନ୍ତୀ ଅନୁସାରେ, ତ୍ରେତୟା ଯୁଗରେ ଲଙ୍କାପତି ରାବଣ ଶିବଙ୍କ ପରମ ଭକ୍ତ ଥିଲେ। ସେ ଗଙ୍ଗାଜଳ ବହନ କରି ବୈଦ୍ୟନାଥ ଧାମରେ ଶିବଙ୍କୁ ଅଭିଷେକ କରିଥିଲେ। ଅନେକଙ୍କ ମତରେ ସେହି ଘଟଣା କାଉଡ଼ିଆ ପରମ୍ପରାକୁ ଅଧିକ ଲୋକପ୍ରିୟ କରିଥିଲା। ଯଦିଓ ଏହି କଥାର ଐତିହାସିକ ପ୍ରମାଣ ନାହିଁ, ତଥାପି ଏହା ଲୋକବିଶ୍ୱାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ।

ଶ୍ରାବଣ ମାସକୁ ଶିବଙ୍କ ପ୍ରିୟ ମାସ ବୋଲି କୁହାଯାଏ। ବର୍ଷା ଋତୁରେ ପ୍ରକୃତି ଯେପରି ସବୁଜ ଓ ସଜୀବ ହୋଇଉଠେ, ସେହିପରି ମନୁଷ୍ୟର ମନ ମଧ୍ୟ ଭକ୍ତିରେ ମଗ୍ନ ହୋଇଯାଏ। ବିଶେଷକରି ଶ୍ରାବଣର ପ୍ରତ୍ୟେକ ସୋମବାର ଶିବପୂଜାର ବିଶେଷ ମହତ୍ତ୍ୱ ରହିଛି। ଭକ୍ତମାନଙ୍କ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ନିଷ୍ଠାର ସହ ଶିବଙ୍କ ଉପାସନା କଲେ ମନୋକାମନା ପୂରଣ ହୁଏ ଏବଂ ଜୀବନରେ ଶାନ୍ତି ଓ ମଙ୍ଗଳ ଆସେ।

କାଉଡ଼ିଆ ଯାତ୍ରା କେବଳ ପାଣି ଭାର ବହନର ଯାତ୍ରା ନୁହେଁ। ଏହା ମନୁଷ୍ୟର ଅହଂକାରକୁ ପରିତ୍ୟାଗ କରି ଭଗବାନଙ୍କ ପ୍ରତି ସମର୍ପଣର ଯାତ୍ରା ଅଟେ। କାନ୍ଧରେ ପାଣିଭାର ଧରି ଖାଲି ପାଦରେ ଦୀର୍ଘ ପଥ ଅତିକ୍ରମ କରିବା ଭକ୍ତଙ୍କ ଧୈର୍ଯ୍ୟ, ସଂଯମ, ସହନଶୀଳତା ଓ ଶୃଙ୍ଖଳାର ପରିଚୟ ଦିଏ। ଏହି ଯାତ୍ରାରେ ଧନୀ-ଗରିବ, ଜାତି-ବର୍ଣ୍ଣ କିମ୍ବା ଉଚ୍ଚ-ନୀଚର କୌଣସି ଭେଦ ଭାବ ରହେ ନାହିଁ। ସମସ୍ତଙ୍କର ଏକମାତ୍ର ପରିଚୟ ସେମାନେ ଶିବଭକ୍ତ ଓ ସେମାନଙ୍କ ର ଲକ୍ଷ୍ୟ ଶିବ ଦର୍ଶନ ।

ଓଡ଼ିଶା ସମେତ ସମଗ୍ର ଭାରତରେ ଶ୍ରାବଣ ମାସରେ ଅସଂଖ୍ୟ କାଉଡ଼ିଆ ଭକ୍ତ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ବିଭିନ୍ନ ଶୈବପୀଠରେ ଜଳାଭିଷେକ କରନ୍ତି। ଏହି ଯାତ୍ରା ସମୟରେ ସେବା ଶିବିର, ଜଳଛତ୍ର, ଚିକିତ୍ସା ଶିବିର ଓ ଅନ୍ନସେବାର ବ୍ୟବସ୍ଥା ସମାଜର ସେବାଭାବ ଓ ସହଯୋଗର



ପରିଚୟ ଦେଇଥାଏ। ଏହା ଧର୍ମ ସହ ମାନବସେବାର ମଧ୍ୟ ଏକ ମହାନ ଉଦାହରଣ ସୃଷ୍ଟି କରେ।ଏଠାରେ ଗୋଟିଏ କଥା ସ୍ମରଣୀୟ ଯେ, କାଉଡ଼ିଆ ଯାତ୍ରାର ପ୍ରାଚୀନତା ନେଇ କୌଣସି ନିର୍ଦ୍ଦିଷ୍ଟ ଐତିହାସିକ ବର୍ଷ କିମ୍ବା ତାରିଖ ମିଳେନାହିଁ।

ଏହା ବେଦ, ପୁରାଣ, ଲୋକବିଶ୍ୱାସ ଓ ଶତାବ୍ଦୀ ଧରି ଚାଲିଆସୁଥିବା ଧାର୍ମିକ ପରମ୍ପରାର ସମନ୍ୱୟରେ ବିକଶିତ ହୋଇଛି। ସେହି କାରଣରୁ ଏହା କେବଳ ଏକ ରୀତିନୀତି ନୁହେଁ, ବରଂ ଭାରତୀୟ ସାଂସ୍କୃତିକ ଐତିହ୍ୟର ଏକ ଜୀବନ୍ତ ଅଧ୍ୟାୟ।ଶ୍ରାବଣର କାଉଡ଼ିଆ ଓ ପାଣିଭାର ପରମ୍ପରା ଆମକୁ ଶିଖାଏ ଯେ, ଭକ୍ତି କେବଳ ମନ୍ଦିରରେ ନୁହେଁ, ବରଂ ଶୃଙ୍ଖଳିତ ଜୀବନ, ତ୍ୟାଗ, ସେବା, ସହନଶୀଳତା ଓ ସମର୍ପଣରେ ପ୍ରକାଶ ପାଏ। କାନ୍ଧରେ ପାଣିଭାର ଏବଂ ହୃଦୟରେ ଅତୁଟ ବିଶ୍ୱାସ ନେଇ ଆଗକୁ ବଢୁଥିବା କାଉଡ଼ିଆ ଭକ୍ତମାନେ ପ୍ରକୃତରେ ଆମ ସଂସ୍କୃତିର ଜୀବନ୍ତ ଦୂତ ଅଟନ୍ତି। ସେମାନଙ୍କ ପଦଧ୍ୱନିରେ ଆଜି ମଧ୍ୟ ଭାରତୀୟ ଆଧ୍ୟାତ୍ମିକତାର ଚିରନ୍ତନ ସ୍ୱର ପ୍ରତିଧ୍ୱନିତ ହେଉଛି।

**ରାଜେନ୍ଦ୍ରପୁର, ବାରିକପୁର ବଜାର,ଭଦ୍ରକ**
**ମୋ:୯୪୩୭୭୩୧୯୦୩**

# ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ମାଫିଆ



**ଅଧ୍ୟାପକ ଗୋପବନ୍ଧୁ**

ସୁଶାସନ ପାଇଁ ଶାସନଗତ ଦୃଢତା ଅତ୍ୟନ୍ତ ଜରୁରୀ। ଶାସନ ବ୍ୟବସ୍ଥା ହୁଗୁଳି ଗଲେ ଅରାଜକତା ଦେଖାଦିଏ। ଚାରିଆଡ଼େ ମାଫିଆମାନଙ୍କ ପ୍ରାଦୁର୍ଭାବ ବଢିଯାଏ। ବ୍ୟବସ୍ଥା ବିରୋଧି ଅରାଜକ ତତ୍ତ୍ୱ ଆତ୍ମ ପ୍ରକାଶ କରନ୍ତି। ନିଜ ସ୍ୱାର୍ଥପାଇଁ ଏମାନେ ସମାନ୍ତରାଳ ବ୍ୟବସ୍ଥା ଚାଲୁ କରିବାକୁ ଚେଷ୍ଟା କରନ୍ତି। ଏହା ରାଷ୍ଟ୍ର ସତ୍ତାକୁ ଆଞ୍ଚ୍ ପହଞ୍ଚାଏ। ରାଷ୍ଟ୍ର ସ୍ୱଚ୍ଛ ଓ ନିର୍ମଳ ଶାସନ ଦେଇପାରେ ନାହିଁ। ନାଗରିକମାନେ ନ୍ୟାୟ ପାଇ ପାରନ୍ତି ନାହିଁ। ସରଳ ଓ ଶୃଙ୍ଖଳିତ ଲୋକଙ୍କ ଉପରେ ଅତ୍ୟାଚାର ବଢେ। ସମସ୍ତ କ୍ଷେତ୍ରରେ ସେମାନେ ବଞ୍ଚିତ ହୁଅନ୍ତି। ରାଷ୍ଟ୍ରର ଗୋଟିଏ ବ୍ୟବସ୍ଥା ଦୁର୍ବଳ ହେଲେ ଅନ୍ୟ ବ୍ୟବସ୍ଥାକୁ ଏହା ପ୍ରଭାବିତ କରେ। ଏହା ଅଧିକ ପରିବ୍ୟାପ୍ତ ହେଲେ ରାଷ୍ଟ୍ରସତ୍ତା ଅରାଜକ ତତ୍ତ୍ୱ ହାତକୁ ଚାଲିଯାଏ। ଏମାନେ ନିଜ ସ୍ୱାର୍ଥପାଇଁ ରାଷ୍ଟ୍ରକୁ ବିପଦରେ ପକାଇବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ଅଣାୟତ୍ତ ପରିସ୍ଥିତିକୁ ସୁଧାରିବାକୁ ପୁଣି ଅନେକ ସମୟ ଲାଗିଯାଏ। କାରଣ ଏଥିପାଇଁ ପ୍ରବଳ ଜନମତର ଆବଶ୍ୟକତା ପଡେ। ରାଷ୍ଟ୍ରବାଦୀମାନଙ୍କୁ ଆଗକୁ ଆସିବାକୁ ପଡେ।

ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଏକ ଦୃଢ ଶିକ୍ଷାବ୍ୟବସ୍ଥା ଅପରିହାର୍ଯ୍ୟ। ଦେଶରେ ଶିକ୍ଷାବ୍ୟବସ୍ଥାର ଦାୟିତ୍ୱ ହେଉଛି ଏକ ସୁସ୍ଥ ଓ ପାରଦର୍ଶୀ ଶୈକ୍ଷିକ ବାତାବରଣକୁ ବଜାୟୀ ରଖିବା ଓ ସ୍ୱଚ୍ଛ ମୂଲ୍ୟାୟନ ଜରିଆରେ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ପ୍ରମାଣପତ୍ର ବା ସାର୍ଟିଫିକେଟ ମାଧ୍ୟମରେ ସ୍ୱୀକୃତି ଦେବା। ଏହି ପ୍ରମାଣପତ୍ର ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅକ୍ଳାନ୍ତ , କରିବାକୁ ପଡେ। ମାଟ୍ରିକୁଲେସନ୍ ସାର୍ଟିଫିକେଟ ପାଇଁ ଜଣକୁ ଅନ୍ୟୁନ ଦଶବର୍ଷ ପଢିବାକୁ ହୁଏ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ତାକୁ ପାସର ପ୍ରମାଣ ପତ୍ର ମିଳେ। ଫେଲ ହେଲେ ପୁଣି ଅଧିକ ବର୍ଷ ପଢିବାକୁ ହୁଏ। ସେହିପରି +୨ ପାଇଁ ଅନ୍ୟୁନ ଦୁଇ ବର୍ଷ, +୩ ପାଇଁ ଅନ୍ୟୁନ ତିନି ବର୍ଷ, ପୋଷ୍ଟ ଗ୍ରାଜୁଏସନ ପାଇଁ ଅନ୍ୟୁନ ଦୁଇବର୍ଷ, ଏହିପରି ପ୍ରତି ସ୍ତରର ପାଠ୍ୟକ୍ରମ ପାଇଁ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ହିସାବ କଲେ ହାଇସ୍କୁଲ ସାର୍ଟିଫିକେଟ ପାଇଁ ଅନ୍ୟୁନ ଦଶ ବର୍ଷ, +୨ ପାଇଁ ଅନ୍ୟୁନ ବାର ବର୍ଷ, +୩ ସାର୍ଟିଫିକେଟ ପାଇଁ ଅନ୍ୟୁନ ପନ୍ଦର ବର୍ଷ ଓ ଉଚ୍ଚତର ଡିଗ୍ରୀ ପାଇଁ ଆହୁରି ଅଧିକ ବର୍ଷ ପଢିବାକୁ ହୁଏ।

ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ପୂର୍ଣ୍ଣ ସମୟ ଭଲ ପରୀକ୍ଷା ଫଳ ପାଇବା ପାଇଁ ଲଗାଇ ଦିଅନ୍ତି। ରାତି ଅନିଦ୍ରା ରହି ପାଠ ପଢନ୍ତି। ଉତ୍କଣ୍ଠା ଓ ପ୍ରତିଯୋଗିତା ମଧ୍ୟରେ ଅଧ୍ୟୟନ କରନ୍ତି। ଏକ ମାତ୍ର ଲକ୍ଷ୍ୟ ଭଲ ନମ୍ବର ରଖି ଭଲ ଡିଭିଜନରେ ପାସ୍ କରିବା। ଏହି ରେଜାଲ୍ଟ ତାର ସ୍ୱପ୍ନକୁ ସାକାର କରିବ। ଭଲ ଚାକିରିଟିଏ କରିବାରେ ସହାୟକ ହେବ। ପରିବାରର ଆଶା ପୂରଣ କରିବ। ବହୁ କଷ୍ଟ ସ୍ୱୀକାର କରି ପରିବାର ଯେଉଁ ପାଠ ପଢାଇଛନ୍ତି, ସେ ରୋଜଗାର କଲେ ପରିବାର ପ୍ରତି ସହାୟକ ହେବ। ଏ ସମସ୍ତ ବିଷୟ ଆମ ଅନୁଭୂତିର। ଆମେ ସମସ୍ତେ ଏହି ସୋପାନ ଦେଇ ଆସିଛୁ। ପଢି ସାରିଲା ପରେ ଜଣେ ଯେଉଁ ଶିକ୍ଷା ପ୍ରମାଣପତ୍ର ପାଏ, ତାହା ତାର ତପସ୍ୟାର ଫଳ। ଏହା ତାର ଆତ୍ମତୃପ୍ତି। ଏହି ପ୍ରମାଣ ପତ୍ର ସାରା ଜୀବନ ତାର ବ୍ୟକ୍ତିତ୍ୱର ପ୍ରମାଣ ଦିଏ। ମଲା ପରେବି ପରବର୍ତ୍ତୀ ବଂଶଧରମାନେ ଏହାକୁ ନେଇ ଗର୍ବ କରନ୍ତି। ଆଲୋଚନାବି କରନ୍ତି। ତେଣୁ ଶିକ୍ଷାନୁଷ୍ଠାନ ମାନଙ୍କରେ ପରୀକ୍ଷାର ଯେଉପରି ସ୍ୱତନ୍ତ୍ର ମହତ୍ତ୍ୱ ଥାଏ, ସେଠାରୁ ଯେଉଁ ଶିକ୍ଷା ପ୍ରମାଣ ପତ୍ର ମିଳେ ତାହାର ମହତ୍ତ୍ୱ ଆହୁରି ଅଧିକ ଥାଏ।

ଏହିପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା ଭୂଲୁଣ୍ଠିତ ହୁଏ ଯେତେବେଳେ ଏହାର ଏକ ଭ୍ରଷ୍ଟ ଓ ବିରୋଧି ବ୍ୟବସ୍ଥା କାୟା ବିସ୍ତାର କରେ। ଶ୍ରେଣୀଶିକ୍ଷା ଉପରୁ ଗୁରୁତ୍ୱ ହ୍ରାସ କରାଯାଏ। ପରୀକ୍ଷା ପଦ୍ଧତିରେ ଅସ୍ୱଚ୍ଛତା ଆସେ। ସାର୍ଟିଫିକେଟ ହାସଲ କରିବା କେବଳ ମାତ୍ର ଲକ୍ଷ୍ୟ ହୋଇଯାଏ। ଛାତ୍ରଛାତ୍ରୀମାନେ ନକଲ ଉପରେ ଗୁରୁତ୍ୱ ଦିଅନ୍ତି। କାର୍ଯ୍ୟରତ କର୍ମଚାରୀମାନେ ପରୀକ୍ଷାରେ ଅସାଧୁ ଉପାୟର ଅବଲମ୍ବନକୁ ପ୍ରୋତ୍ସାହିତ କରନ୍ତି। କପି ମାଫିଆମାନେ ସକ୍ରୀୟ ହୋଇଯାଆନ୍ତି ଓ ବ୍ୟବସ୍ଥା ସହିତ ବୁଝାମଣା କରି ପ୍ରଶ୍ନପତ୍ର ଲିକ୍ ସହିତ, କପି ଯୋଗାଣ, ମୂଲ୍ୟାୟନରେ ହେରଫେର, ଟେବୁଲେସନ୍ ବେଳେ ନମ୍ବର ହେରଫେର ପରି ଅସାଧୁ କାର୍ଯ୍ୟ ବିନା ପ୍ରତିବନ୍ଧକରେ କରିଚାଲନ୍ତି। ଏପରି ସ୍ଥଳେ ପରୀକ୍ଷା ନିୟମର ବିରୁଦ୍ଧରେ ଏକ ଭ୍ରଷ୍ଟ ସମାନ୍ତରାଳ ବ୍ୟବସ୍ଥା କାର୍ଯ୍ୟକରେ। ଗୋଟିଏ ରାଷ୍ଟ୍ରର ଶିକ୍ଷାବ୍ୟବସ୍ଥାକୁ ସୂଚାରୁରୂପେ ପରିଚାଳିତ କରିବା ପାଇଁ ଯେଉଁସବୁ ନିୟମର ପ୍ରବର୍ତ୍ତନ ହୋଇଥାଏ, ତାହା କ୍ରମେ ମୂଲ୍ୟହୀନ ହୋଇଯାଏ ଏବଂ ମାଫିଆ ଓ ଭ୍ରଷ୍ଟାଚାରୀଙ୍କ ଇଙ୍ଗିତରେ ଦେଶର ବ୍ୟବସ୍ଥା ପରିଚାଳିତ ହୁଏ। ସାମ୍ପ୍ରତିକ ଅବସ୍ଥାରେ ବହୁଚର୍ଚ୍ଚିତ ନୀଟ ପ୍ରଶ୍ନପତ୍ର ପ୍ରଘଟ, ବିଭିନ୍ନ ସମୟରେ ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍, ଓଡ଼ିଶାରେ



ଏସଆଇ ନିଯୁକ୍ତି ପରୀକ୍ଷାରେ ଟଙ୍କା ବଦଳରେ ପୂର୍ବ ସେଟିଂ, ପରୀକ୍ଷାରେ ନକଲ, ବିଭିନ୍ନ ପ୍ରକାର ନିଯୁକ୍ତିରେ ଜାଲିଆତି ଇତ୍ୟାଦି ବହୁ ଅନିୟମିତତା ସମ୍ମୁଖକୁ ଆସୁଛି। ଏଗୁଡ଼ିକର ସଂଖ୍ୟା କ୍ରମେ ବଢି ଚାଲିଛି।

ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ଦେଖାଦିଏ ଯେତେବେଳେ ସାର୍ଟିଫିକେଟ ବା ପାଶ୍ ପ୍ରମାଣପତ୍ର ବଜାରରେ କିଣିବାକୁ ମିଳେ। ଶିକ୍ଷା ମାଫିଆ ଓ କଳାବଜାରୀମାନେ ଏହାକୁ ସବୁଠାରୁ ସହଜ ମାଧ୍ୟମ ଭାବେ ଗ୍ରହଣକରି ନେଇଛନ୍ତି। ଏଥିରେ ଶ୍ରେଣୀ ଶିକ୍ଷାଲାଭ କରିବାର ଆବଶ୍ୟକତା ନଥାଏ। ଦଶପନ୍ଦର ବର୍ଷ ପର୍ଯ୍ୟନ୍ତ ପାଠ ପଢିବାର ଝାମେଲା ଏବଂ ଅର୍ଥ ଓ ସମୟ ବ୍ୟୟର ଆବଶ୍ୟକତା ପଡେନାହିଁ। କୋଉ ସ୍କୁଲ ବା କଲେଜରେ ନାମ ଲେଖାଇବାକୁ ପଡେ ନାହିଁ। କେହି ଯଦି ନାମ ଲେଖାଇ ଥାଏ, ତେବେ ସେ ଫେଲ ହୋଇଥିଲେବି ତାକୁ ଅଧିକ ନମ୍ବର ରଖିଥିବା ପାସ୍ ସାର୍ଟିଫିକେଟ ଓ ନମ୍ବର ଫର୍ଦ୍ଦ ବା ମାର୍କସିଟ୍ ମିଳିଯାଏ। ଏହାକୁ ନେଇ ସେ ଭଲ ଚାକିରି ପାଇଯାଏ। ଯିଏ ଜାଲ୍ ସାର୍ଟିଫିକେଟ୍ ଯୋଗାଡ କରିପାରେ ତାପାଇଁ ଚାକିରୀ ଯୋଗାଡ କରିବା କେଉଁ କଷ୍ଟକର କାମ ? କେତେକ ରାଜନେତାଙ୍କ ପାଇଁ ନିଜର ରାଜନୈତିକ ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ସାଧାରଣ ଜନତାକୁ ନିଜର ଉଚ୍ଚଶିକ୍ଷା ଯୋଗ୍ୟତାର ପ୍ରଦର୍ଶନ କରିବା ଦିଗରେ ଏହା ଏକ ସହଜ ମାଧ୍ୟମ। ପାଠ ନପଢି ଗୋଟିଏ ଉଚ୍ଚ ଡିଗ୍ରୀ ସାର୍ଟିଫିକେଟ ଯୋଗାଡ କରିନେଲେ ହେଲା। ଏହାକୁ ନେଇ ଏପରିକି ନିର୍ବାଚନ ଅଧିକାରୀ ନିକଟରେ ଏବାବଦକୁ ଏଫିଡେଭିଟ ଦେବାକୁ ସେମାନେ କୁଣ୍ଠାବୋଧ କରନ୍ତି ନାହିଁ। ଯଦି ଏପରି ବ୍ୟକ୍ତି ଉଚ୍ଚପଦ ପଦବୀରେ ଅଧିଷ୍ଠିତ ହୋଇ ଯାଆନ୍ତି ଓ ତାଙ୍କ ବିରୁଦ୍ଧରେ ଅଭିଯୋଗ ଆସେ, ତେବେ ସେ ନିଜର କ୍ଷମତା ବଳରେ ଏପ୍ରକାର ଅଭିଯୋଗକୁ ଚାପିଦେବା ପାଇଁ ଭରପୁର ଚେଷ୍ଟା କରନ୍ତି। ଏହାକୁ ସୂଚୀତ ଅନୁଷ୍ଠାନରେ ରେକର୍ଡଭୁକ୍ତ କରିବାକୁ ଚେଷ୍ଟା କରନ୍ତି ଧରାପଡିବା ଭୟରେ।

ଦେଶରେ ହଜାର ହଜାର ସଂଖ୍ୟାରେ ଜାଲ ସାର୍ଟିଫିକେଟ୍ ଓ ମାର୍କସିଟ୍ ବିକ୍ରୀ ହେବାର ତଥ୍ୟ ପ୍ରଘଟ ହୋଇଛି। ଏହାର ଚେର ଚାରିଆଡ଼େ ଲମ୍ବିଛି ଓ ଚେରର ଗଭୀରତା ବହୁତ ବେଶିବୋଲି ଜଣାପଡିଛି। ଅନେକେ ଏହିପ୍ରକାର ପ୍ରମାଣପତ୍ର ଜରିଆରେ ଚାକିରୀ କରୁଛନ୍ତି। କେତେକେ ଧରା ପଡିଲେଣି। ଏହା ଉପରେ ଖୋଳତାଡ଼ ଚାଲିଛି। ଅନେକଙ୍କ ଧାରଣା ଯେ ଏହା ପଛରେ ରାଜନୈତିକ ନେତାଙ୍କ ପୃଷ୍ଠପୋଷକତା ଥାଇପାରେ। ଏପ୍ରକାର ବ୍ୟବସ୍ଥା ଦୀର୍ଘବର୍ଷ ଧରି ଚାଲିଛି। ଏତ ସମୁଦ୍ରକୁ ଶଙ୍ଖେ। ଠିକଭାବେ ଇନକ୍ୱାରୀ କଲେ ଅନେକ କଥା ସାମ୍ନାକୁ ଆସିବ ଓ ଅନେକଙ୍କ ମୁଖା ଖୋଲିବ। ତେବେ ସାଧାରଣରେ ଏହାବି ସନ୍ଦେହ ରହିଛି ଯେ ଯେଉଁମାନେ ଏତେ କରିତକର୍ମା, ଯେଉଁମାନେ ପାଠନପଢି ଜାଲ ସାର୍ଟିଫିକେଟ ସଂଗ୍ରହ କରି ଚାକିରୀ କରିପାରୁଛନ୍ତି, ସେମାନେ ଇନକ୍ୱାରୀକୁବି କିଣି ନେବେନିତ ? କାରଣ ଦେଶର ଗୋଟିଏ ବ୍ୟବସ୍ଥାରେ ଘୁଣ ଲାଗିଲେ ତାହା ଅନ୍ୟ ବ୍ୟବସ୍ଥାକୁ ମଧ୍ୟ ସଂକ୍ରମିତ ହୁଏ। ତୁତ ମୁତୁରୀ ମୁତ ମୁତୁରୀ ଦୋଷ କାହା ଉପରେ ଲଦିବା ନ୍ୟାୟରେ କେଶ୍ ଦଫାରଫା ହୋଇଯାଏ। ବୁଝାମଣାରେ ସବୁ ଚାଲେ।

ରାଜନେତାମାନେ ଦେଶର ଦିଗଦର୍ଶକ। କେତେକ ରାଜନେତାଙ୍କ ବିରୁଦ୍ଧରେ ଜାଲ ଶିକ୍ଷାଗତ ଯୋଗ୍ୟତାର ଗମ୍ଭୀର ଅଭିଯୋଗ ଆସିଛି। ଅତୀତରେ ଦିଲ୍ଲୀର ଆଇନ୍ ମନ୍ତ୍ରୀଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ଆସିଥିଲା ଓ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଏବେ ଦେଶର ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ମଧ୍ୟ ଏପ୍ରକାର ଅଭିଯୋଗ କେତେକ ରାଜନୈତିକ ଦଳ ଆଣୁଛନ୍ତି। ଅବଶ୍ୟ ତାଙ୍କ ଦଳ ଏହା ଉପରେ ସ୍ପଷ୍ଟିକରଣ ଦେଇ ସାରିଛି। ବିହାର ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ଏପରି ଅଭିଯୋଗ ଆସୁଛି। ସେ ମଧ୍ୟ ଏପରି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଆହୁରି ଅନେକ ନେତାଙ୍କ ବିରୋଧରେ ଏପରି ଅଭିଯୋଗ ଆସୁଛି। କେବଳ ଏତିକି ନୁହେଁ ଜାଲ ଜାତି ସାର୍ଟିଫିକେଟ, ଜାଲ ଜନ୍ମ ସାର୍ଟିଫିକେଟ, ଜାଲ ସମ୍ପତ୍ତି ପ୍ରମାଣ ପତ୍ର ପରି ଅଭିଯୋଗ ମଧ୍ୟ ଆସୁଛି। ରାଜନୈତିକ ନେତାମାନେ ଏ ସମସ୍ତ ଅଭିଯୋଗରୁ ମୁକ୍ତ ହେବା ଉଚିତ। ଅନ୍ୟଥା ଏମାନଙ୍କ ହାତରେ ଦେଶ ସୁରକ୍ଷିତ ରହିବ କିପରି ? ଅଭିଯୋଗ ହେବାମାତ୍ରେ ଏମାନେ ନିଜଆଡ଼ୁ ନିଜର ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଉଚିତ୍। ଏହା ଦ୍ୱାରା ନିଜର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟୀ ରହିବ। ଅନ୍ୟଥା ଲୋକେ ବିଶ୍ୱାସ କରିବେ ‘ଦାଲ ମେ କୁଛ୍ କାଲା ହେ’।

ଦେଶରେ ଦେଖା ଦେଇଥିବା ଜାଲ ସାର୍ଟିଫିକେଟ ଓ ଜାଲି କାରବାର ଦେଶକୁ ତଳିତଳାନ୍ତ କରିଦେବ। ଦେଶରେ ସଚ୍ଚୋଟ ଓ ସାଧୁଙ୍କ କୌଣସି ସ୍ଥାନ ରହିବ ନାହିଁ। ଦୀର୍ଘବର୍ଷ ଧରି ଭଲ ପରୀକ୍ଷା ଫଳ ପାଇଁ ଚେଷ୍ଟା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଓ ତାଙ୍କ ଉପରେ ଭରସା ରଖୁଥିବା ଅଭିଭାବକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯାଇ ପାରିବ ନାହିଁ। ଲୋକଙ୍କ ଶିକ୍ଷା ବ୍ୟବସ୍ଥା ଉପରୁ ଭରସା ତୁଟିଯିବ। ଏହାଯେ ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିଦେବ ତାହା ନୁହେଁ ଏହା ସହିତ ଅନ୍ୟ ବ୍ୟବସ୍ଥାଗୁଡିକୁ ମଧ୍ୟ ଦୁର୍ବଳ କରିଦେବ। ତେଣୁ ଏହିପ୍ରକାର କାରବାରରେ ଲିପ୍ତଥିବା କଳାବଜାରୀ ଓ ମାଫିଆମାନଙ୍କୁ କୋଠାର ହସ୍ତରେ ଦମନ କରାଯିବା ଉଚିତ। ଆଉ ଏଥିରେ ସମ୍ପୃକ୍ତ ରାଜନୈତିକ ନେତାମାନେତ ଆଦୌ କ୍ଷମାର ପାତ୍ର ନୁହଁନ୍ତି। ତାଙ୍କୁ ଯେତେ ଭର୍ତ୍ସନା କଲେବି କମ୍ ହେବ। ସାଧୁ ବେଳହୁଁ ସାବଧାନ। ବ୍ୟବସ୍ଥାର ଦୃଢ଼ତା ଦେଶର ଦୃଢତା।

**ବାରିପଦା, ମୟୂରଭଞ୍ଜ-୭୫୭୦୦୨ (ଅବସରପ୍ରାପ୍ତ) ଦର୍ଶନ ବିଭାଗ**

### ରାଷ୍ଟ୍ରପତି 'ବନ୍ଦେ ମାତରମ୍' କାର୍ଯ୍ୟାଳୟକୁ ଫେରୁଥିବା ସମୟରେ ସଡ଼କ ଦୁର୍ଘଟଣା ଦେଖିଲେ

# ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କଲେ

**ବ୍ରହ୍ମପୁର,୫।୮ :** ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିଷ୍ପାପର ଜନସେବା ଓ ଉଚ୍ଚ ମାନବୀୟ ସମ୍ବେଦନଶୀଳତାର ଆଉ ଏକ ଦୃଷ୍ଟାନ୍ତ ସାମ୍ନାକୁ ଆସିଛି । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ବ୍ରହ୍ମପୁର ରେଳଷ୍ଟେସନ୍ ଠାରେ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜଣାଇ ଗୋଳନ୍ଥରା ସ୍ଥିତ 'ବନ୍ଦେ ମାତରମ୍' କାର୍ଯ୍ୟାଳୟକୁ ଫେରୁଥିବା ସମୟରେ, ଜାତୀୟ ରାଜପଥ କନିସି ସ୍ଥିତ ଇଣ୍ଡିଆନ୍ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଅଟୋ ଭୟାବହ ସଡ଼କ ଦୁର୍ଘଟଣା ଘଟିଥିବା ମାନ୍ୟବର ମନ୍ତ୍ରୀ ଦେଖିବାକୁ ପାଇଥିଲେ । ଦୁର୍ଘଟଣାଗ୍ରସ୍ତ ଅଟୋରେ ଗୁରୁତର ଆହତ ହୋଇଥିବା ଦୁଇ ଜଣ ମହିଳାଙ୍କ ଚିତ୍କାର ଶୁଣି ମନ୍ତ୍ରୀ ଶ୍ରୀ ଜେନା କ୍ଷଣେ ମାତ୍ର ବିଳମ୍ବ ନକରି ସଙ୍ଗେ ସଙ୍ଗେ ନିଜ କାଫିଲା ରଖାଇଥିଲେ ।




ଜଣେ ଦାୟିତ୍ୱବାନ ଜନପ୍ରତିନିଧି ଭାବେ ନିଜର ସମସ୍ତ ସୁରକ୍ଷା ଓ ବ୍ୟକ୍ତିଗତ ବ୍ୟସ୍ତତାକୁ ପଛରେ ପକାଇ, ସେ ନିଜେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରିଥିଲେ । ଜରୁରୀକାଳୀନ ଚିକିତ୍ସାର ମହତ୍ତ୍ୱକୁ ବୁଝି ସେ ତୁରନ୍ତ ନିଜର ପୋଲିସ ଏସ୍କର୍ଟ ଗାଡ଼ି ମାଧ୍ୟମରେ ସେମାନଙ୍କୁ ବ୍ରହ୍ମପୁର ସ୍ଥିତ ଏମ୍.କେ.ସି.ଜି. ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରିଥିଲେ । କେବଳ ସେତିକି ନୁହେଁ, ଆହତମାନେ ଯେପରି ବିନା ବିଳମ୍ବରେ ଉତ୍ତମ ଓ ଜରୁରୀକାଳୀନ ଚିକିତ୍ସା ସେବା ପାଇପାରିବେ, ସେଥିପାଇଁ ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ସିଧାସଳଖ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଛନ୍ତି । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ଓ ସୁସ୍ଥତା କାମନା କରି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରଦର୍ଶନ କରିଥିବା ଏହି ତ୍ୱରିତ ପଦକ୍ଷେପ ଓ ମାନବୀୟ ମନୋଭାବକୁ ସ୍ଥାନୀୟ ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି ।

# ବ୍ରହ୍ମପୁର ରେଳଷ୍ଟେସନରେ ମହାମହିମାଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା

**ବ୍ରହ୍ମପୁର,୫।୮ :** ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ଅଂଶବିଶେଷ ଭାବେ ଗଞ୍ଜାମ ଜିଲ୍ଲାର ଦୁଇଦିନିଆ ଐତିହାସିକ ଗସ୍ତ ସଫଳତାର ସହ ସମାପ୍ତ ହୋଇଛି । ଗଞ୍ଜାମ ଜିଲ୍ଲାରେ ମାନ୍ୟବର ରାଷ୍ଟ୍ରପତିଙ୍କ ଉପସ୍ଥିତିକୁ ନେଇ ସମଗ୍ର ଜିଲ୍ଲାରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା । ଭାରତର ପ୍ରଥମ ନାଗରିକଙ୍କୁ ନିକଟରୁ ପାଇ ଜିଲ୍ଲାବାସୀ ଅତ୍ୟନ୍ତ ଉଲ୍ଲସିତ ହୋଇଥିଲେ । ମାନ୍ୟବର ରାଷ୍ଟ୍ରପତି ୪ ଅଗଷ୍ଟ ଅପରାହ୍ନରେ ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଏହାପରେ ୫ ଅଗଷ୍ଟ ପ୍ରତ୍ୟୁଷରେ ବାବା ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ସମାପ୍ତ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ନିମନ୍ତେ ସକାଳ ପ୍ରାୟ ୧୦.୦୫ ମିନିଟରେ ବ୍ରହ୍ମପୁର ରେଳଷ୍ଟେସନରେ ପହଞ୍ଚିଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ପ୍ରୋଟୋକଲ ଅନୁଯାୟୀ ବ୍ରହ୍ମପୁର ରେଳଷ୍ଟେସନରେ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନିଲ କୁମାରଙ୍କ ସମେତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସଂଗ୍ରାମ କେଶରୀ



ମହାପାତ୍ର, ଦକ୍ଷିଣାଞ୍ଚଳ ଆଇ ଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା. ଶରବଣା ବିବେକ ଏମ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶ୍ରୀ ହରିଶ ବିଶି, ବରିଷ୍ଠ ପ୍ରଶାସନିକ, ପୁଲିସ୍ ଓ ରେଲୱେର ଅଧିକାରୀମାନେ ଉପସ୍ଥିତ ରହି ମାନ୍ୟବର ରାଷ୍ଟ୍ରପତିଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କ ରେଳ ଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରୋଟୋକଲ, ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ସୁଚାରୁ ଭାବେ ସମ୍ପନ୍ନ କରାଯାଇଥିଲା । ଏହାପରେ ମାନ୍ୟବର ରାଷ୍ଟ୍ରପତି ରେଳ ଯୋଗେ ଭୁବନେଶ୍ୱର ଅଭିମୁଖେ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କ ଏହି ଗସ୍ତ ଗଞ୍ଜାମ ଜିଲ୍ଲାର କଳା, ସଂସ୍କୃତି, ଲୋକପରମ୍ପରା, ପର୍ଯ୍ୟଟନ ଓ ଧାର୍ମିକ ପୀଠଗୁଡ଼ିକୁ ଜାତୀୟ ସ୍ତରରେ ନୂଆ ପରିଚୟ ପ୍ରଦାନ କରିଛି । ବିଶେଷକରି ଗଞ୍ଜାମର ଆଦିବାସୀ ସଂସ୍କୃତି ଓ ଲୋକକଳା ପ୍ରତି ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷିତ ହୋଇଛି । ଏହି ଗସ୍ତ ଜିଲ୍ଲାର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ନୂତନ ଗତି ପ୍ରଦାନ କରିବ ବୋଲି ଆଶା ଜିଲ୍ଲାପାଳ ଶ୍ରୀ ଭାସନ ଆଶା ବ୍ୟକ୍ତ କରିଛନ୍ତି । ଏହା ସହିତ ସମସ୍ତ ସହଯୋଗ ପାଇଁ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ସାଧୁବାଦ ଜଣାଇଛନ୍ତି ।

# 'ଆମ ରାହୁଲ ଗାନ୍ଧୀ' ସଙ୍ଗୀତ ଭିଡିଓ ଉନ୍ମୋଚିତ

**ଭୁବନେଶ୍ୱର,୫।୮ :** ସାଇ ଶକ୍ତି ପ୍ରଡକ୍ସନ ବ୍ୟାନରରେ ଶ୍ରୀ ପ୍ରତାପ କୁମାର ପ୍ରଧାନଙ୍କ ପ୍ରଯୋଜନାରେ, ଓଡ଼ିଆ ସଙ୍ଗୀତ ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀ ଅନୁରାଗ ଦାସଙ୍କ ସୁମଧୁର କଣ୍ଠରେ ଏବଂ ଇଞ୍ଜିନିୟର ଅଜୟ କୁମାର ସେଠୀଙ୍କ ରଚନାରେ ପ୍ରସ୍ତୁତ ଜନନାୟକ ଶ୍ରୀ ରାହୁଲ ଗାନ୍ଧୀଙ୍କ ଜୀବନ, ଆଦର୍ଶ, ସଂଘର୍ଷ ଓ ଜନସେବାକୁ ଆଧାର କରି ନିର୍ମିତ ସଙ୍ଗୀତ ଭିଡିଓ ' ଆମ ରାହୁଲ ଗାନ୍ଧୀ ' ର ଶୁଭ ଉନ୍ମୋଚନ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଛି । ଏହି ସଙ୍ଗୀତ ଭିଡିଓକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଉନ୍ମୋଚନ କରିଥିଲେ । ନିଜ ଅଭିଭାଷଣରେ ସେ ଏହି ସଙ୍ଗୀତ ଭିଡିଓ ମାଧ୍ୟମରେ ରାହୁଲ ଗାନ୍ଧୀଙ୍କ ଆଦର୍ଶ, ସଂଘର୍ଷ ଓ ଦେଶ ପ୍ରତି ସମର୍ପଣର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ଆଶା ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଜୟଦେବ ଜେନା, ପୂର୍ବତନ ସାଂସଦ ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଶ୍ରୀ ଯଶବନ୍ତ ସିଂହ ଲାଗୁରି, ବିଧାୟକ ଶ୍ରୀ ଅଶୋକ ଦାସ, ସେବାଦଳ ଅଧ୍ୟକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତି ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ପ୍ରକାଶ ଜେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରକାଶ ମିଶ୍ର, ଶ୍ରୀ ରଜନୀକାନ୍ତ ମହାନ୍ତି, ଶ୍ରୀ ମାନସ ଆଚାର୍ଯ୍ୟ, ଶ୍ରୀ ସନ୍ତୋଷ ପ୍ରଧାନ, ଶ୍ରୀ ବିଶ୍ୱଜିତ ରାଉତ, ଶ୍ରୀ ସନ୍ତୋଷ ନାୟକଙ୍କ ସମେତ ବହୁ ବରିଷ୍ଠ ଓ ଯୁବ କଂଗ୍ରେସ ନେତୃବୃନ୍ଦ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ସଙ୍ଗୀତ ଭିଡିଓର ପ୍ରଯୋଜକ ଶ୍ରୀ ପ୍ରତାପ କୁମାର ପ୍ରଧାନ କହିଥିଲେ ଯେ, 'ଆମ ରାହୁଲ ଗାନ୍ଧୀ' କେବଳ ଏକ ସଙ୍ଗୀତ ନୁହେଁ,




ବରଂ ଦେଶର ଯୁବପିଢ଼ିଙ୍କ ପାଇଁ ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରା, ସରଳତା, ସଂଘର୍ଷ ଓ ଜନସେବାର ଆଦର୍ଶକୁ ସଙ୍ଗୀତ ମାଧ୍ୟମରେ ପହଞ୍ଚାଇବାର ଏକ ବିନମ୍ର ପ୍ରୟାସ । ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶ୍ରୀ ସୁବାସ ଚନ୍ଦ୍ର ପ୍ରଧାନ, ଶ୍ରୀ ତାପସ ସେଠୀ, ଶ୍ରୀ ଯୁଗଳ କିଶୋର ନାୟକ ଏବଂ ଶ୍ରୀ ପ୍ରକାଶ ଦିଗାଳଙ୍କ ବିଶେଷ ସହଯୋଗ ରହିଥିଲା । ଶେଷରେ ସମସ୍ତ ଅତିଥି, ସାମ୍ବାଦିକ ବନ୍ଧୁ ଏବଂ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା ।

# ଜନସଂଖ୍ୟା ଆଧାରରେ ସଂରକ୍ଷଣ ଦାବିରେ ଓଡିଶା ରାଜ୍ୟ ଓବିସି ମଞ୍ଚର ସାମ୍ବାଦିକ ସମ୍ମିଳନୀ

**ପାଟଣାଗଡ,୫।୮ :** ଗୋକୁଳ ରେଷ୍ଟୁରାଣ୍ଟ ସମ୍ମିଳନୀ କକ୍ଷରେ ଓଡିଶା ଓବିସି ମଞ୍ଚ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଓବିସି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସଂଖ୍ୟାନୁପାତିକ ସଂରକ୍ଷଣ ଉପରେ ଆଲୋଚନା କରାଯାଇଥିଲା । ସରକାର ଓବିସି ମାନଙ୍କୁ ତାଙ୍କ ହକ୍ ଅଧିକାରରୁ ବଞ୍ଚିତକରି, କେବଳ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରୁଥିବାରୁ । ଆଗାମୀ ଦିନରେ ଓବିସିମାନେ ସଂଗଠିତ ହୋଇ ନିଜର ଅଧିକାର ପାଇଁ ଲଢେଇ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଓବିସି ମଞ୍ଚର ସଂପାଦକ ପ୍ରଦେଶି ବିଶ୍ୱାଲ, ସଂଯୋଜକ ବ୍ରଜଭୁଷଣ ସାଏ, ଯୁବ ସଂଯୋଜକ କପିଳେନ୍ଦ୍ର ଯାଦବ ଓ ସାମାଜିକ କର୍ମୀ ଶାନ୍ତନୁ କୁମାର ବୁଧିଆ ମଞ୍ଚାସୀନ ଥିଲେ । କୌଣସି ଆରକ୍ଷଣ ବିରୋଧି ଆନ୍ଦୋଳନରେ ଓବିସି ସମାଜର ଯୁବକ ମାନେ ସାମିଲ ନହେବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ । ଆଗାମି ଦିନରେ ଓବିସିମାନେ ସାମାଜିକ, ରାଜନୈତିକ, ଅର୍ଥନୈତିକ, ଶିକ୍ଷା ଓ ଚାକିରି କ୍ଷେତ୍ରରେ କିଭଳି ନିଜର ପ୍ରତିନିଧିତ୍ୱ କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀରେ ଅଭିଳାଷ ଭୋଇ, ସନ୍ତୋଷ କୁମାର ପଧାନ, ବିମଳ କୁମାର ବାଗ, ରମେଶ ଜୈନ, ଜନସନ ନାଗ, କ୍ଷୀରୋଦ୍ର କୁମାର ସାହୁ, ସୁଶାନ୍ତ କୁମାର ସାହୁ, କାମାକ୍ଷ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ନିଜର ମନ୍ତବ୍ୟ ରଖିଥିଲେ ଏବଂ ଆଗାମୀ ଦିନରେ ଓବିସି ମାନଙ୍କ ଅଧିକାର ପାଇଁ ବିରାଟ ଜନ ଆନ୍ଦୋଳନ କରିବାପାଇଁ ସପଥ ନେଇଥିଲେ ।



# ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେନସନରଙ୍କ ଧାରଣା

**ବ୍ରହ୍ମପୁର,୫।୮ :** ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲ୍ଲା ଶାଖାର ଶତାଧିକ ସଭ୍ୟ ସଭାପତି ଡି. ମୋହନ ରାଓଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିଲେ । ଶ୍ରୀମତୀ ତୁଳନା ବର୍ଧନ ସ୍ୱାସ୍ଥ୍ୟ ପରିଦର୍ଶିକା ଭାବେ ୨୦୦୮ ମସିହାରେ ଅବସର ଗ୍ରହଣ କରିଥିଲେ କିନ୍ତୁ ଦୀର୍ଘ ୧୮ ବର୍ଷ ବିତିଯାଇଥିଲେ ବି ତାଙ୍କର ଅନ୍ତିମ ପେନସନ୍ ପାଇପାରି ନାହାନ୍ତି ଓ ଅନୁସନ୍ଧାନରୁ ଜାଣିବାକୁ ମିଳିଲା ଯେ ତାଙ୍କର ପେନସନ୍ କାଗଜ online ରେ ପଠାଇବା ବଦଳରେ ଡାକରେ ପଠାଯାଉଛି ଓ ଯାହାଫଳରେ ଶ୍ରୀମତୀ ବର୍ଦ୍ଧନ ୭୪ ବର୍ଷ ବୟସରେ ଫାଇନାଲ ପେନସନ୍ ନ ପାଇ ବହୁ କଷ୍ଟ ପାଉଛନ୍ତି । ଶୀଘ୍ର ଏହାର ସମାଧାନ ପାଇଁ COMO ଗଞ୍ଜାମ ଙ୍କ କାର୍ଯ୍ୟାଳୟ ସାମନାରେ ଧାରଣା ଦିଆ ଯାଇ ବିଭିନ୍ନ ନାରା ଦିଆଯାଇଥିଲା । ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଶ୍ର ଧାରଣା ସ୍ଥଳକୁ ଆସି ଏହିମାସ ଶେଷ ସୁଦ୍ଧା ଶ୍ରୀମତୀ ବର୍ଦ୍ଧନଙ୍କ ଫାଇନାଲ ପେନସନ୍ କରିଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ସଭାପତି ରାଓ COMO ଙ୍କୁ ସୂଚାଇ ଥିଲେ ଯେ ସଠିକ୍ ସମୟ ମଧ୍ୟରେ ପେନସନ୍ ନହେଲେ ସଂଘ ପକ୍ଷରୁ କଠୋର ପଦକ୍ଷେପମାନ ନିଆଯିବ ବୋଲି କହି ଥିଲେ । ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି କେ. ଏନ୍. ସେନାପତି, ସମ୍ପାଦକ ସଙ୍କର୍ଷଣ ପାତ୍ର, ଯୁଗ୍ମ ସମ୍ପାଦକ ମହର୍ଷି ସିଂ, ସହ ସମ୍ପାଦକ ଡି. ଗୁରୁମୂର୍ତେ ପାତ୍ର, ଉପଦେଷ୍ଟା ସହସ୍ରନାମ ପାଠି, ବି. ରଙ୍ଗା ପାତ୍ର, ବିଜୟ କୁମାର ବେହେରା ।



# ଏସଆଇଆର କାର୍ଯ୍ୟକ୍ରମରେ ରାଜ୍ୟରେ ଆଠମଲ୍ଲିକ ଆଗୁଆ




**ଆଠମଲ୍ଲିକ,୫।୮ :** ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬(ଏସ, ଆଇ, ଆର )କାର୍ଯ୍ୟକ୍ରମ ର ଅନ୍ତିମ ପର୍ଯ୍ୟାୟ ରେ ଆଠମଲ୍ଲିକ ସମଗ୍ର ଓଡିଶା ରେ ପ୍ରଥମେ କାର୍ଯ୍ୟକ୍ରମ କୁ ଅନ୍ତିମ ରୂପ ଦେବାରେ ବିଧାନ ସଭା କ୍ଷେତ୍ର ରେ ରେକର୍ଡ ସୃଷ୍ଟି କରି ନୂତନ କୀର୍ତ୍ତି ସ୍ଥାପନ କରିଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଠମଲ୍ଲିକ ର ଶ୍ରେଷ୍ଠ ଏ ଇ ଆର ଓ, ବି ଏଲ ଓ ସୁପରଭାଇଜର,ବି ଏଲ ଓ ଏବଂ କଲେଜ ଛାତ୍ରୀ ଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ତିମ ପର୍ଯ୍ୟାୟ ରେ ୨୯ ହଜାର ୪୭୨ ସଂଖ୍ୟକ ନୋଟିସ ଗୁଡିକ ର ସମୟପୋଯୋଗୀ ବିତରଣ, ଦାବୀ ଗ୍ରହଣ ଓ ଆପତ୍ତି ର ତୁରନ୍ତ ଶୁଣାଣୀ ଓ ସମସ୍ତ ପ୍ରକ୍ରିୟା କୁ ଦକ୍ଷତା ର ସହ ପରିଚାଳନା କରିଥିବାରୁ ସେମାନଙ୍କ ର ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀ କୃତ ସେବାକୁ ଜିଲ୍ଲାପାଳ ଅବଦଲ ଏମ ଅକତର ପ୍ରଶଂସା କରିଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଠମଲ୍ଲିକ ଟିମ ଙ୍କୁ ଅଭିନନ୍ଦନ ଜଣାଇ ନିର୍ବାଚକ ପଞ୍ଜିକରଣ ଅଧିକାରୀ (ଇ ଆର ଓ) ତଥା ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଙ୍କ ଦକ୍ଷ ନେତୃତ୍ୱ ରେ ଆଠମଲ୍ଲିକ ଓଡ଼ିଶା ର ପ୍ରଥମ ବିଧାନସଭା କ୍ଷେତ୍ର ଭାବରେ ଏସ ଆଇ ଆର ୨୦୨୬ ର ସମସ୍ତ ପର୍ଯ୍ୟାୟ ସଫଳତା ର ସହ ସମ୍ପୂର୍ଣ୍ଣ କରି ରାଜ୍ୟ ପାଇଁ ଏକ ଆଦର୍ଶ ସୃଷ୍ଟି କରି ପାରିଛନ୍ତି ବୋଲି ଜିଲ୍ଲାପାଳ ଏମ ଅକତର ପ୍ରକାଶ କରିଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବି ଏଲ ଓ ସୁପରଭାଇଜର ଭାବରେ ନରେନ୍ଦ୍ର କୁମାର ମେହେର, ଲଳିତ କୁମାର ପ୍ରଧାନ, ଲକ୍ଷ୍ମୀଧର ସାହୁ, ବି ଏଲ ଓ ଭାବରେ ପ୍ରଫୁଲ୍ଲ କୁମାର ସିଂ, କୃତିବାସ ପ୍ରଧାନ, ଗୋପାଳ ବେହେରା, ସତ୍ୟନାରାୟଣ ମେସୁଆ, ପ୍ରବାସିନୀ ମହାକୁଡ଼, କଲେଜ ଛାତ୍ରୀ ଛାତ୍ର ଙ୍କ ମଧ୍ୟରେ ବିଶ୍ୱ ପ୍ରତୀକ ମିଶ୍ର, ରୁପାଲୀ ପ୍ରଧାନ, ଶ୍ୟାମଲୀନ ସିଂ, ରାଗିଣୀ ପ୍ରିୟ ଦର୍ଶନୀ ବେହେରା, ସୁପ୍ରିୟା ପ୍ରଧାନ, ସୁଶ୍ରୀ ରୋଜାଲିନ ଦାଶ ଙ୍କୁ ମାନ ପତ୍ର ଓ ଟ୍ରଫି ଦେଇ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ।

# ବାଘମୁଣ୍ଡ ଅଞ୍ଚଳରେ ସାର କଳାବଜାରୀ ଅଭିଯୋଗ

## ଚାଷୀଙ୍କ ଶୋଷଣ ନେଇ ଅସନ୍ତୋଷ



**ଖପ୍ରାଖୋଲ,୫।୮ :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବାଘମୁଣ୍ଡ ଅଞ୍ଚଳରେ ସାର କଳାବଜାରୀ ଚାଲିଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ସରକାରୀ ଦର ଠାରୁ ଅଧିକ ଦାମରେ ସାର ବିକ୍ରି କରାଯାଉଛି ଏବଂ ଏଥିପାଇଁ ସେମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି । ସ୍ଥାନୀୟ ଚାଷୀମାନେ କହିଛନ୍ତି ଯେ, ଚାଷ ଋତୁରେ ସାରର ଚାହିଦା ବଢ଼ିଥିବାର ସୁଯୋଗ ନେଇ କେତେକ ବ୍ୟବସାୟୀ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି । ଫଳରେ ଚାଷୀମାନେ ବାଧ୍ୟ ହୋଇ ଅଧିକ ଦାମରେ ସାର କିଣୁଛନ୍ତି । କେତେକ ଚାଷୀଙ୍କ ଅଭିଯୋଗ ଯେ, ସାର କିଣିବାବେଳେ ରସିଦ ମଧ୍ୟ ଦିଆଯାଉନାହିଁ । ଚାଷୀମାନେ ଏହି ଘଟଣାର ତଦନ୍ତ କରି ଦୋଷୀ ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଖପ୍ରାଖୋଲ ବ୍ଲକ ପ୍ରଶାସନ ଓ କୃଷି ବିଭାଗଙ୍କ ନିକଟରେ ଦାବି କରିଛନ୍ତି । ଚାଷୀମାନଙ୍କୁ ସରକାରୀ ନିର୍ଦ୍ଧାରିତ ଦରରେ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇବା ପାଇଁ ମଧ୍ୟ ସେମାନେ ଅନୁରୋଧ କରିଛନ୍ତି ।

# ୧୦ରେ ଜାତୀୟ କୃମିନାଶକ ଦିବସ, ୧୭ରେ ମପ୍-ଅପ୍ ରାଉଣ୍ଡ

## ଜିଲ୍ଲାରେ ୩.୫୫ ଲକ୍ଷରୁ ଅଧିକ ଶିଶୁ ଓ କିଶୋରଙ୍କୁ କୃମିନାଶକ ଔଷଧ ପ୍ରଦାନ ଲକ୍ଷ୍ୟ



**କେନ୍ଦ୍ରାପଡ଼ା,୫।୮ :** ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡ଼ା ପକ୍ଷରୁ ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲ୍ଲା କଲ୍ୟାଣ ବିଭାଗର ସହଯୋଗରେ ଚଳିତ ଅଗଷ୍ଟ ୧୦ ତାରିଖରେ ସମଗ୍ର ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ । ଏହାର ମପ୍-ଅପ୍ ରାଉଣ୍ଡ ଅଗଷ୍ଟ ୧୭ ତାରିଖରେ ଅନୁଷ୍ଠିତ ହେବ । ଏହି ଅଭିଯାନରେ ୧ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର-କିଶୋରୀ ଏବଂ ୨୦ରୁ ୨୪ ବର୍ଷ ବୟସର ଯୁବତୀମାନଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବ । ଅଙ୍ଗନୱାଡ଼ି କେନ୍ଦ୍ରରେ ୧ରୁ ୨ ବର୍ଷ ବୟସର ଶିଶୁଙ୍କୁ ୫ ମି.ଲି. ଏବଂ ୨ରୁ ୫ ବର୍ଷ ବୟସର ଶିଶୁଙ୍କୁ ୧୦ ମି.ଲି. କୃମିନାଶକ ସିରପ୍ ପ୍ରଦାନ କରାଯିବ । ୬ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର-କିଶୋରୀ ଏବଂ ୨୦ରୁ ୨୪ ବର୍ଷ ବୟସର ଯୁବତୀମାନେ ଗୋଟିଏ ଲେଖାଏଁ କୃମିନାଶକ ବଟିକା ସେବନ କରିବେ । ପ୍ରତିବର୍ଷ ଫେବୃଆରୀ ଓ ଅଗଷ୍ଟ ମାସରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । କୃମିନାଶକ ସିରପ୍ ଓ ବଟିକା ସେବନ ଦ୍ୱାରା ଶିଶୁ ଓ କିଶୋର-କିଶୋରୀମାନଙ୍କୁ କୃମି ସଂକ୍ରମଣରୁ ସୁରକ୍ଷା ଦେବା ସହିତ ସେମାନଙ୍କ ସୁସ୍ଥ ବିକାଶ ଓ ଉତ୍ତମ ସ୍ୱାସ୍ଥ୍ୟ ନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଚଳିତ ରାଉଣ୍ଡରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୭୫୪ଟି ସରକାରୀ ବିଦ୍ୟାଳୟ, ୨୩୩ଟି ବେସରକାରୀ ବିଦ୍ୟାଳୟ ଏବଂ ୨୧୨୬ଟି ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ମୋଟ ୩ ଲକ୍ଷ ୫୫ ହଜାର ୯୧୦ ଜଣ ଶିଶୁ ଓ କିଶୋର-କିଶୋରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବାର ଲକ୍ଷ୍ୟ ରହିଛି । ଗତ ଫେବୃଆରୀ ୨୦୨୬ ରାଉଣ୍ଡରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୯୯ ପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇଥିବା ସୂଚନା ଦିଆଯାଇଛି । ଚଳିତ ରାଉଣ୍ଡରେ ମଧ୍ୟ ଶତପ୍ରତିଶତ ସଫଳତା ହାସଲ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଓ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟର, ଏହି ଜାତୀୟ କାର୍ଯ୍ୟକ୍ରମକୁ ଶତପ୍ରତିଶତ ସଫଳ କରିବା ପାଇଁ ଶିକ୍ଷା, ମହିଳା ଓ ଶିଶୁ ବିକାଶ ଏବଂ ସ୍ୱାସ୍ଥ୍ୟ ବିଭାଗ ସମେତ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ବ୍ଲକ ଓ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ହେବେ । ଜିଲ୍ଲାସ୍ତରରେ ଜାତୀୟ କୃମିନାଶକ ଦିବସର ଶୁଭାରମ୍ଭ ଜିଲ୍ଲାପାଳଙ୍କ ଦ୍ୱାରା କରାଯିବ । ସେହିପରି ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଏହି ଅଭିଯାନର ଶୁଭାରମ୍ଭ କରାଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନମିତା ପଟ୍ଟନାୟକ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବାକୁ ଅନୁରୋଧ କରିଛନ୍ତି । ଏନେଇ ଆୟୋଜିତ ଆଭାସୀ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନମିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଗୌରାଙ୍ଗ ଚରଣ ଗିରି, ଡିପିଏମ୍ ଡ. ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର ଡ. ସୁକାନ୍ତ କୁମାର ପ୍ରଧାନ, ଡିପିଏଚସିଓ ଶୁଭ ନାରାୟଣ ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସମେତ ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ ସିଡିପିଓ, ପ୍ରୋଗ୍ରାମ ଅଫିସର, ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ବିପିଏମ୍ ଏବଂ ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର କନସଲଟାଣ୍ଟମାନେ ଉପସ୍ଥିତ ଥିଲେ । ଶେଷରେ ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ, ଡ. ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪th ମ୍ୟାଚ୍‌ରେ ରାଉରକେଲା ଜୋନ ସହ ଝାରସୁଗୁଡ଼ା ଜୋନ



**ବ୍ରହ୍ମପୁର,୫।୮ :** ୪th ମ୍ୟାଚ୍‌ରେ ରାଉରକେଲା ଜୋନ ସହ ଝାରସୁଗୁଡ଼ା ଜୋନ ସହ ହୋଇଥିଲା ରାଉରକେଲା ଜୋନ ୫୭ ରନ କରିଥିଲେ ଏବଂ ଝାରସୁଗୁଡ଼ା ଜୋନ ଓଡି ସୋହୋଜୋରେ ମାତ୍ର ୪ ଓଭରରେ ଗୋଟେ ୱିକେଟରେ ବିଜୟ ହାସଲ କରିଥିଲେ । ଏହି ପ୍ରୋଟିୟଗିତଓକୁ ବିଧାୟକ ଅନିଲ କୁମାର ଏବଂ ଶ୍ରୀ ବିଧାୟକ ପ୍ରତୀନିଥୀ ଅଶୋକ କୁମାର ଶୁକ୍ଲ ବରିଷ୍ଟ ସାମ୍ବାଦିକ ଶ୍ରୀ ଶକ୍ତୀ ଧର ରାଜଗୁରୁ ପୁର୍ବ ଟମୋ କ୍ରିକେଟ୍ ଖେଳାଳି ଶ୍ରୀ ରାଜୁ ରେଡି ସ୍କୁଲ୍ ସମ୍ପାଦକ କୁମୁଦ ରଂଜନ ପାଢି ପ୍ରିନସିପଲ୍ ଦ୍ୱାରିକାନାଥ ପଣ୍ଡା ମଞ୍ଚାସିନ ଥିଲେ ଏବଂ ମୁଖ୍ୟ ଅତିଥି ଖେଳାଳିଙ୍କୁ ଉଚ୍ଚାହି ତ କରିଥିଲେ ଏହି ପ୍ରତୀୟଗିତଓ କୁ ସମୀର କୁମାର ସାହୁ, ଦେବବ୍ରତ ଦେଓ ଅଭିନସ ମେଡୀ କ୍ରୀଡା ଶିକ୍ଷକ ଶ୍ରୀ ସୁରେଶ ଚନ୍ଦ୍ର ପାଢି ପରିଚାଳନ କରିଥିଲେ ।

# ଜଳ ଜୀବନ ମିଶନ୍ ନାଁରେ ଜନଜୀବନ ସହ ଖେଳ !

## ଠିକାଦାରଙ୍କ ମନମୁଖୀ କାମକୁ କାହାର ପ୍ରଶ୍ରୟ ? ଆରଡବ୍ଲ୍ୟୁଏସଏସ ବିଭାଗ ନୀରବ କାହିଁକି ?



**ଖପ୍ରାଖୋଲ,୫।୮ :** ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ ଜଳ ଜୀବନ ମିଶନ୍ କାର୍ଯ୍ୟକାରୀ କରୁଥିବା ବେଳେ, କେତେକ ସ୍ଥାନରେ ସେହି ଯୋଜନା ଏବେ ଜନସାଧାରଣଙ୍କ ପାଇଁ ଆଶୀର୍ବାଦ ନୁହେଁ, ବରଂ ଅଭିଶାପ ପାଲଟିଥିବା ଅଭିଯୋଗ ଉଠିଛି । ଠିକାଦାର ଜିଆଇ ପାଇପକୁ ନିୟମ ମୁତାବକ ମାଟି ତଳେ ପୋତିବା ପରିବର୍ତ୍ତେ ଲୋକଙ୍କ ଘର ଦୁଆର ମୁହଁରେ ଓ ରାସ୍ତା ଉପରେ ବିଛାଇ ଦେଇଛନ୍ତି। ଫଳରେ ଲୋକମାନେ ନିଜ ଘରୁ ବାହାରିବା, ଯାନବାହାନ ବାହାର କରିବା ଏବଂ ଜରୁରୀ ସମୟରେ ଯାତାୟାତ କରିବାରେ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେକୌଣସି ସମୟରେ କେହି ପାଇପରେ ଝୁଣ୍ଟି ପଡ଼ି ଗୁରୁତର ଆହତ ହେବାର ଆଶଙ୍କା ରହିଛି। ପ୍ରଶ୍ନ ଉଠୁଛି ଦୁର୍ଘଟଣା ଘଟିଲେ ଦାୟୀ କିଏ ? ଠିକାଦାର, ଯନ୍ତ୍ରୀ ନା ବିଭାଗ ? ପୂର୍ବରୁ ରାସ୍ତା କଡ଼ରେ ନିର୍ମିତ ଡ୍ରେନ ଯୋଗୁଁ ରାସ୍ତା ସଂକୁଚିତ ହୋଇଥିଲା। ଏବେ ସେହି ରାସ୍ତା ଉପରେ ପୁଣି ପାଇପ ବିଛାଇ ଲୋକଙ୍କ ଚଳପ୍ରଚଳକୁ ଆହୁରି ବିପଦପୂର୍ଣ୍ଣ କରାଯାଇଛି। ଏହା କି ପ୍ରକଳ୍ପର ଡିଜାଇନ୍ ଅନୁଯାୟୀ, ନା କେବଳ ଠିକାଦାରଙ୍କ ସୁବିଧା ପାଇଁ କରାଯାଇଥିବା ମନମୁଖୀ କାମ? ଏହାର ଉତ୍ତର ଦେବ କିଏ ? ସବୁଠାରୁ ଗୁରୁତର କଥା ହେଉଛି, ଏଭଳି ଅନିୟମିତତା ଦିନ ଦିନ ଧରି ଚାଲିଥିଲେ ମଧ୍ୟ ଆରଡବ୍ଲ୍ୟୁଏସଏସ ବିଭାଗ ନୀରବ ଦର୍ଶକ ସାଜିଥିବା ଅଭିଯୋଗ ହେଉଛି। ନିର୍ମାଣ କାର୍ଯ୍ୟର ତଦାରଖ କରିବାକୁ ଥିବା ବିଭାଗୀୟ ଅଧିକାରୀମାନେ କାହିଁକି ଚୁପ୍ ସେମାନଙ୍କ ନୀରବତା କେବଳ ଅବହେଳା, ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି ? ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଘୁରିବୁଲୁଛି। ସ୍ଥାନୀୟ ଜନପ୍ରତିନିଧିମାନଙ୍କ ନୀରବତା ମଧ୍ୟ ସନ୍ଦେହକୁ ଆହୁରି ବଢ଼ାଇଛି। ଜନସମସ୍ୟା ଆଖି ଆଗରେ ଥିଲେ ମଧ୍ୟ ସେମାନେ ପଦକ୍ଷେପ ନ ନେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏହି ଘଟଣା ସମ୍ପର୍କରେ ଆରଡବ୍ଲ୍ୟୁଏସଏସ ବିଭାଗର ଯନ୍ତ୍ରୀ ଶ୍ୟାମ କୁମାରଙ୍କ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରିନଥିଲେ। ଜନସମସ୍ୟା ସମ୍ପର୍କରେ ଦାୟିତ୍ୱପୂର୍ଣ୍ଣ ପଦରେ ଥାଇ ମଧ୍ୟ ଏଭଳି ନୀରବତା ପ୍ରଶାସନିକ ସ୍ୱଚ୍ଛତା ଓ ଜବାବଦେହିତା ଉପରେ ଗୁରୁତର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ସରକାରୀ ଯୋଜନାର ଉଦ୍ଦେଶ୍ୟ ଲୋକଙ୍କୁ ସୁବିଧା ଦେବା, କିନ୍ତୁ ଯଦି ସେହି ଯୋଜନା ଅବ୍ୟବସ୍ଥା, ଅବହେଳା ଓ ମନମୁଖୀ କାର୍ଯ୍ୟର ଶିକାର ହୁଏ, ତେବେ ଏହା କେବଳ ଏକ ଠିକାଦାରଙ୍କ ବିଫଳତା ନୁହେଁ, ବରଂ ସମଗ୍ର ତଦାରଖ ବ୍ୟବସ୍ଥାର ବିଫଳତା। ଜିଲ୍ଲା ପ୍ରଶାସନ ଏହି ଅଭିଯୋଗର ତୁରନ୍ତ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ କି, ନା ସବୁକିଛି ପୂର୍ବଭଳି ଚାଲିବ ଏବେ ସମସ୍ତଙ୍କ ନଜର ସେହି ଦିଗରେ।

# ଗଢି ଉଠିଛି ମଦଭାଟି, ହଜି ଯାଉଛି ଭାଗବତ ଟୁଙ୍ଗୀ

**କଳାହାଣ୍ଡି,୫।୮ :** ଜଗନ୍ନାଥ ଦାଶଙ୍କ ଭାଗବତ ଓଡ଼ିଶାର ପ୍ରତ୍ୟେକ ଘରେ ଘରେ ପରିଚିତ ରହିଥିଲା । ସଂଧ୍ୟାରେ ପ୍ରାୟ ଓଡ଼ିଆଣୀର ଘରେ ଭାଗବତ ଗୁଞ୍ଜରଣ ହେଉଥିଲା । ଘର କୋଣରୁ ସଂଧ୍ୟାରେ ଗୁଞ୍ଜରିତ ହେଉଥିଲା 'କହଇ ଜଗନ୍ନାଥ ଦାଶ, ଭାଷା ପ୍ରବଧ ଭାଗବତ । ଏହା ବ୍ୟତୀତ ଗ୍ରାମାଞ୍ଚଳର କର୍ମଠ କୃଷକ ହେଉ ବା ଧାର୍ମିକ ପରାୟଣ ବ୍ୟକ୍ତି ବିଶେଷ ସଂଧ୍ୟା ସମୟରେ ସେହି ସମୟରେ ଗାଁ ମାନଙ୍କରେ ରହିଥିବା ଭାଗବତ କୋଠିରେ ଜମା ହେଉଥିଲା । ମନୋରଞ୍ଜନ ହେଉ ବା ଆଧ୍ୟାତ୍ମିକ ହେଉ ସଂଧ୍ୟାରେ ଭାଗବତ ପାଠ ହେଉଥିଲା । ଏହା ଉପରେ ଆଲୋଚନା ମଧ୍ୟ ହେଉଥିଲା । ଏହା ଦ୍ୱାରା ଗାଁରେ ଏକ ସକରାତ୍ମକ ଆଧ୍ୟାତ୍ମିକ ଭାବନା ଲୋକଙ୍କ ମଧ୍ୟରେ ଜାଗ୍ରତ ହେଉଥିଲା। ଯେଉଁଥି ପାଇଁ ଲୋକଙ୍କ ମଧ୍ୟରେ ଅସାମାଜିକ କାର୍ଯ୍ୟ କରିବାକୁ ଲୋକେ ପସନ୍ଦ କରୁନଥିଲେ । ଲୋକଙ୍କ ମଧ୍ୟରେ ଭାଗବତ ପଠନ ଯୋଗୁଁ ଏକତା, ଭାତୃଭାବ ସୃଷ୍ଟି ହେଉଥିଲା । ଏଠାରେ ଗାଁର ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୁଡ଼ିକ ପାରିତ ହେଉଥିଲା । ସେତେବେଳେ ଗାଁ ମାନଙ୍କରେ କାଁ ଭାଁ ମଦୁଆ ଦେଖା ଯାଉଥିଲା । ଭାଗବତ ପାଠ ସମୟରେ ମଦୁଆମାନେ ମଦ ପିଇଥିଲେ ମଧ୍ୟ ଭାଗବତ ଟୁଙ୍ଗୀ ପାଖ ମାଡ଼ୁ ନଥିଲେ । ସମୟ ବଦଳି ଯାଇଛି। ଏବେ ଗାଁ ମାନଙ୍କରେ ଥିବା ଭାଗବତ ଟୁଙ୍ଗୀର ଦେଖା ନାହିଁ । ଟୁଙ୍ଗୀ ଗୁଡିକ ଧିରେ ଧିରେ ବ୍ଲକ, ପାଠାଗାର ସ୍ଥାନ ନେଇ ଯାଇଛି । ଏଠାରେ ଭୋଟ ଦେବା, ଗାଁରେ ମଦଭାଟି ହେବ, ଭୋଜିଭାତ ହେବ, କାହାକୁ ବିରୋଧ କରିବେ, କାହାର କଣ କରାଯିବ ସେଠାରେ ଆଲୋଚନା ଶିବିର ପାଲଟି ଯାଇଛି । ଭାଗବତ ଟୁଙ୍ଗୀ ପ୍ରାୟ ଗାଁମାନଙ୍କରେ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲି ଯାଇଥିବା ବେଳେ ଦେଶୀ ମଦଭାଟି ଗୁଡ଼ିକ ଏବେ ରାଜ କରୁଛି । ପ୍ରତ୍ୟେକ ଗାଁ ଭିତରେ, ଗାଁ ମୁଣ୍ଡରେ ଏକ ପାନ ଦୋକାନ ନାମକୁ ମାତ୍ର ରହିଥିବା ବେଳେ ସେଠାରେ ଦେଶୀ କୁଡିଆ, ଭାଟି ମଦ ବିକ୍ରି ଚାଲିଛି ।ତା ପାଖକୁ ଲାଗି ରହିଛି ଏକ ବଡ କାଠ ଗଣ୍ଡି ପୋତା ହୋଇବାର, ଯାହାକୁ ଦେଖିଲେ ଜଣାଯାଏ ଯେ ଏଠାରେ କୁକୁଡା ମାଂସ, ଚାଖନା ପୁଟାର ଏକ ଆଡା । ଖୁଣ୍ଟକୁ ଦେଖିଲେ ମଦୁଆ ଅନୁମାନ କରି ନିଏ ଯେ ଏହାର ଆଖପାଖରେ ନିଶ୍ଚୟ ମଦ ମିଳିବ । ଗୋଟିଏ ଗାଁରେ ଏକାଧିକ ମଦଭାଟି ଦେଖିବାକୁ ମିଳୁଛି । ବିକ୍ରେତାମାନେ ଗାଁର କୁଜି ଟାଉଟର ମାନଙ୍କୁ ହାତକରି ଗାଁର ମନ୍ଦିର ନିର୍ମାଣ, ବିଦ୍ୟାଳୟ ପରିଚାଳନା ପାଇଁ ଗାଁକୁ କିଛି ଟଙ୍କା ଦେବାକୁ ପ୍ରବତାଇ ଥାନ୍ତି । ଏହା ସହିତ ସେମାନଙ୍କୁ ନିୟମିତ ମଦ ଓ ମାଂସ ଦେଇଥାନ୍ତି । ବଦଳରେ ଗାଁ ମୁଖିଆ ବୋଲାଉଥିବା ଟାଉଟର, ଗ୍ରାମଦ୍ରୋହୀମାନେ ମଦଭାଟି ଦେବାରେ ସହଯୋଗ କରିଥାନ୍ତି । ଏହାକୁ ସହଯୋଗ କରିଥାନ୍ତି ନିର୍ବାଚିତ ଜନପ୍ରତିନିଧି । ଗାଁରେ ଯଦି ମଦଭାଟି ହେବ ସେମାନେ ସେଠାରୁ ନିୟମିତ ଖାଇପିଇ ପାରିବେ । ତାଙ୍କର ବୋଲକରା ହେବେ । ଦରକାର ସମୟରେ ଅନିୟମିତତା, ଦୁର୍ନୀତି କାମରେ ତାଙ୍କର ବାହୁବଳୀ ହୋଇ ସହଯୋଗ କରିବେ । ଏମାନଙ୍କ ବ୍ୟତୀତ ଅବକାରୀ ବିଭାଗ, ପୁଲିସ ମଧକୁ ମାସିକିଆ କୋଟା ଯୋଗୁଁ ଆମର କଣ ଯାଉଛି । ମାସିକିଆ ଆସିଲେ ହେଲା ନୀତିରେ ଗାଁ ମାନଙ୍କରେ ଏମିତି ଅନୈତିକ କାମ ଚାଲୁଛି । ଯାହା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ସମୟ ବଦଳି ଯାଇଛି। ମଦୁଆମାନଙ୍କୁ ଦେଖିଲେ ଗାଁର ସଭା ସମିତି, ଆଧ୍ୟାତ୍ମିକ ବୈଠକ ବନ୍ଦ କରି ଭୟରେ ସେ ସ୍ଥାନ ଛାଡି ଲୋକେ ଚାଲି ଯାଉଛନ୍ତି । ନିଶା ଯୋଗୁଁ ଲୋକଙ୍କ ପାଖରେ ମାନବିକତା ଗୁଣ କମି ଯାଇଛି । ଯାହାଦ୍ୱାରା ଚୋରି, ହତ୍ୟା, ଅପହରଣ, ଦୁଷ୍କର୍ମ ଭଳି ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ବିଜେଡି ସରକାର ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର ପାଇଁ ଚେଷ୍ଟାକରି ଆସିଥିଲେ ମଧ୍ୟ ମଦକୁ ବନ୍ଦ ନକରିବାରୁ ଏହାର ଫଳପ୍ରଦ ହୋଇପାରି ନଥିଲା । କାଳିଆ ଯୋଜନା, ପିଏମ କିଷାନ ଯୋଜନା ମଦୁଆଙ୍କୁ ସୁହାଇଲା ଭଳି ହୋଇଯାଇଥିଲା ।

# ଧାରଣାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲ ୱାର୍ଡେନ




**କଟକ,୫।୮ :** ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲ ୱାର୍ଡେନମାନଙ୍କୁ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ କଥିତ ଅରୁଚିକର ମନ୍ତବ୍ୟକୁ ବିରୋଧ କରି ବୁଧବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏହି ଅବସରରେ ଶିକ୍ଷକ ସଂଘ ପକ୍ଷରୁ କୁଳପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଧାୟକ ନିଜ ଆଚରଣ ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବାକୁ ସଂଘ ଦାବି କରିଛି । ଉଲ୍ଲେଖଯୋଗ୍ୟ, ଗତ ମଙ୍ଗଳବାର ଇଷ୍ଟ ହଷ୍ଟେଲର ୱାର୍ଡେନ ଓ ଡେପୁଟି ୱାର୍ଡେନମାନେ ସାମୂହିକ ଭାବେ ଇସ୍ତଫା ପ୍ରଦାନ କରିଥିଲେ ।

# ହାତୀ ସଚେତନତା ଅଭିଯାନରେ ଫୁଟବଲ୍ ପ୍ରତିଯୋଗିତା

**ବାରିପଦା /ସାହାରପଡା,୫।୮ :** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳ ଅଧୀନ ଚକୁଣ୍ଡାପାଳ ଗ୍ରାମପଞ୍ଚାୟତର ଜଡିଚାତର ଗ୍ରାମ ଫୁଟବଲ୍ ପଡ଼ିଆରେ ୱୋସ୍କା କେନ୍ଦୁଝର ଅନୁଷ୍ଠାନର ସହଯୋଗରେ ମାନବ–ହାତୀ ସହାବସ୍ଥାନ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଫୁଟବଲ୍ ପ୍ରତିଯୋଗିତାର ଆୟୋଜନ କରାଯାଇ ଯୁବପିଢ଼ୀଙ୍କ ମଧ୍ୟରେ ହାତୀ ସୁରକ୍ଷା ଓ ସଚେତନତାର ବାର୍ତ୍ତା ପହଞ୍ଚା ଯାଇଥିଲା। କାର୍ଯ୍ୟକ୍ରମକୁ ପୋଷ୍ଟମାଷ୍ଟର ପରମାନନ୍ଦ ଦାସ ଉଦ୍‌ଘାଟନ କରି ଫୁଟବଲ୍ ଖେଳର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପିଇଟି ପ୍ରଫୁଲ୍ଲ କୁମାର ମହାନ୍ତ, ବସନ୍ତ କୁମାର ନାଏକ, ପ୍ରହଲ୍ଲାଦ ନାଏକ, ରତି ରଞ୍ଜନ ମହାନ୍ତ, ଭରତ ନାଏକ, ପ୍ରମୋଦ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେହିପରି ସମାଜସେବୀ ମିତ୍ରଭାନୁ ମହାନ୍ତ ଖେଳାଳି ମାନଙ୍କୁ ଫୁଟବଲ୍ ପ୍ରଦାନ କରି ଉତ୍ସାହିତ କରିଥିଲେ।

# ଜିଲ୍ଲାପାଳଙ୍କ ଦ୍ୱାରା 'ସୋଲାର ରଥ'ର ଶୁଭାରମ୍ଭ

## ସୌରଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ



**କଟକ,୫।୮ :** ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବା ସହ ପିଏମ୍ ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଟିପିସିଓଡିଏଲ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ସୋଲାର ରଥକୁ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳ ପରିଦର୍ଶନ କରି ଘର ଛାତ ଉପରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନର ସୁବିଧା, ପିଏମ୍ ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନା ଅଧୀନରେ ମିଳୁଥିବା ସରକାରୀ ସହାୟତା ଏବଂ ସହଜ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ । ଏଥିସହ 'ସୋଲାର ସାଙ୍ଗ ' ଦଳ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ସୁଲଭ ସୌର ଶକ୍ତି ଗ୍ରହଣ ପାଇଁ ପ୍ରୋତ୍ସାହିତ କରିବେ । 'ସୋଲାର ରଥ' ଅଭିଯାନ ମାଧ୍ୟମରେ ପିଏମ୍ ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନାର ସୁବିଧା ସମ୍ପର୍କରେ ସଚେତନତା ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିବ। ଅଧିକରୁ ଅଧିକ ପରିବାରକୁ ସୋଲାର ସୁବିଧା ନେବା ପାଇଁ ଉତ୍ସାହିତ କରିବା ସହ ନବୀକରଣଯୋଗ୍ୟ ଶକ୍ତିର ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ରଥର ଶୁଭାରମ୍ଭ ଅବସରରେ ଯୋଗଦେଇ କହିଥିଲେ ଯେ, ଏହି ରଥ ଗ୍ରାମାଞ୍ଚଳରେ ବୁଲିବା ଦ୍ୱାରା ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଅଧିକରୁ ଅଧିକ ଉପଭୋକ୍ତା ଉକ୍ତ ଯୋଜନାର ଲାଭ ଉଠାଇପାରିବେ । ଟି ପି ସି ଓ ଡି ଏଲ ପକ୍ଷରୁ 'ମୋ ଛାତ, ମୋ ସଞ୍ଚୟ', ପିଏମ୍ ସୂର୍ଯ୍ୟ ଘର ଗ୍ରାମ ସଭା ଏବଂ 'ସୋଲାର ରଥ' ପରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ଘରୋଇ ସୌର ଶକ୍ତିର ସୁବିଧା, ଯୋଜନାରେ ସାମିଲ ହେବାର ପ୍ରକ୍ରିୟା ଏବଂ ସରକାରୀ ସହାୟତା ସମ୍ପର୍କରେ ଅବଗତ କରାଯାଉଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ ଶ୍ରୀ ଅମରଜିତ୍ ପଟ୍ଟନାୟକ ସୂଚନା ଦେବା ସହ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ମହାନ୍ତି, କର୍ପୋରେଟ ଯୋଗାଯୋଗ ମୁଖ୍ୟ,ଗୌରୀ ମହାନ୍ତିଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପରେ ଦୁର୍ବ୍ୟବହାର ପ୍ରତିବାଦରେ ଗଣଧାରଣା

**ଢେଙ୍କାନାଳ,୫।୮ :** ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପରେ କଥିତ ଦୁର୍ବ୍ୟବହାରକୁ ନେଇ ତେଜିଛି ଅସନ୍ତୋଷ । ଦାବି ପୂରଣ ନହେବାରୁ ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣାରେ ବସିଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ । ଗତ ୩୧ ତାରିଖରେ କାଇମାଟି ଗ୍ରାମ ପଞ୍ଚାୟତର ଗହମଖୁଣ୍ଟି ଗ୍ରାମରେ ଆବାସ ଯୋଜନା ସମ୍ପର୍କିତ ଅଭିଯୋଗର ତଦନ୍ତ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସେଠାକୁ ଯାଇଥିଲେ । ସେହି ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ କଥିତ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ପ୍ରଥମେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ପଦକ୍ଷେପ ନ ହେବାରୁ ସଦର ବ୍ଲକ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣା ଆରମ୍ଭ କରିଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ । ସରକାରୀ କର୍ମଚାରୀଙ୍କ ସମ୍ମାନ ଓ ସୁରକ୍ଷା, କର୍ମକ୍ଷେତ୍ରରେ ରାଜନୈତିକ ଚାପ ଦୂର କରିବା, ମିଥ୍ୟା ଅଭିଯୋଗର ନିରପେକ୍ଷ ତଦନ୍ତ ଏବଂ ମହିଳା ପିଇଓଙ୍କୁ କଥିତ ଭାବେ ଅସମ୍ମାନ କରିଥିବା ବ୍ୟକ୍ତିଙ୍କ କ୍ଷମା ପ୍ରାର୍ଥନା ସେମାନଙ୍କର ମୁଖ୍ୟ ଦାବି ରହିଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ଏହି ଘଟଣାରେ କେଉଁ ପଦକ୍ଷେପ ନେଉଛି ଏବଂ ଆନ୍ଦୋଳନ କେବେ ଶେଷ ହେଉଛି ।



## ଚନ୍ଦନପୁର ହତ୍ୟାକାଣ୍ଡ ଘଟଣା

# ୭୨ ଘଣ୍ଟା ପରେ ଅପରାଧୀଙ୍କୁ ବାନ୍ଧିଲା ପୋଲିସ୍



**ପୁରୀ,୫।୮ :** ସେମାନଙ୍କ ଠାରୁ କଟୁରୀ ଓ ମୋବାଇଲ ଫୋନ ଜବତ । ଜଘନ୍ୟ ହତ୍ୟାକାଣ୍ଡ ମାମଲାରେ ତିନିଜଣ ଅଭିଯୁକ୍ତ ଗିରଫ ଓ ଜଣେ ନାବାଳକ ଅଟକ ।ଦୁଇ ଗ୍ୟାରେଜ ଦୋକାନୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଶେଷରେ ହତ୍ୟାକାଣ୍ଡର ରୂପ ନେଇଥିଲା ।ପୁରୀ ଜିଲ୍ଲା ଅନ୍ତର୍ଗତ ଚନ୍ଦନପୁର ଥାନା ଅଞ୍ଚଳର ଦାମୋଦରପୁର ଗ୍ରାମର କାଳିଆ ମଲ୍ଲିକଙ୍କ ବୀଭତ୍ସ ହତ୍ୟାକାଣ୍ଡ ଘଟଣାର ତଦନ୍ତରେ ପୁରୀ ପୋଲିସ ଶେଷରେ ସଫଳତା ହାସଲ କରିଛି। ଅଭିଯୁକ୍ତ ଏବଂ ମୃତକଙ୍କ ମଧ୍ୟରେ ଥିବା ପୁରୁଣା ଶତ୍ରୁତା ଯୋଗୁଁ ୩୧ ଜୁଲାଇ ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ତଦନ୍ତ ପ୍ରକ୍ରିୟା ମଧ୍ୟରେ, ଗତକାଲି ଆଉ ଦୁଇଜଣ ଅଭିଯୁକ୍ତ ଯଥା– ସୁମନ ଓରଫ ସୋମନାଥ ନାୟକ ଏବଂ ବସୁ ଓରଫ ଅମିତା ଦାସଙ୍କୁ ଗିରଫ କରାଯାଇଛି ।ଉଭୟ ଚନ୍ଦନପୁର ଥାନା ଅନ୍ତର୍ଗତ ଦାମଦାରପୁର ଗ୍ରାମର ବାସିନ୍ଦା ଅଟନ୍ତି । ଏହି ଗିରଫଦାରୀ ସହିତ ମାମଲାରେ ବର୍ତ୍ତମାନ ସୁଦ୍ଧା ମୋଟ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ଜଣେ ନାବାଳକଙ୍କୁ ଅଟକ ରଖାଯାଇଛି। କ୍ରମାଗତ ପଚରାଉଚରା ସମୟରେ, ଅଭିଯୁକ୍ତ ସୁମନ ଓରଫ ସୋମନାଥ ନାୟକ ସ୍ୱେଚ୍ଛାକୃତ ଭାବେ ସେହି ସ୍ଥାନ ବିଷୟରେ ଜଣାଇଥିଲେ ଯେଉଁଠାରେ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ରକୁ ଲୁଚାଇ ରଖାଯାଇଥିଲା। ଏହି ଜବତ ସାମଗ୍ରୀ ତଦନ୍ତ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବରେ ବିବେଚନା କରାଯାଉଛି। ଘଟଣାର ସମ୍ପୂର୍ଣ୍ଣ କ୍ରମ, ପ୍ରତ୍ୟେକ ଅଭିଯୁକ୍ତଙ୍କ ଭୂମିକା ସମ୍ପର୍କରେ ଅଧିକ ସ୍ପଷ୍ଟତା ହାସଲ କରିବା ଏବଂ ଅତିରିକ୍ତ ବୈଜ୍ଞାନିକ ତଥା ସମର୍ଥନକାରୀ ପ୍ରମାଣ ସଂଗ୍ରହ କରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ପ୍ରତୀକ ଗୀତା ସିଂ ।

# କପିଳାଭଟା ହାଇସ୍କୁଲରେ ଦ୍ୱିତୀୟ ପିଟିଏ ବୈଠକ



**ବଙ୍ଗୋମୁଣ୍ଡା,୫।୮ :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗ୍ରାମ ପଞ୍ଚାୟତ ହାଇସ୍କୁଲ ପରିସର ରେ ଆଜି ଦ୍ୱିତୀୟ ପିଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବାଗଦେବୀ ସରସ୍ୱତୀ ଙ୍କ ଫଟୋ ଚିତ୍ର ରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅରୁଣ କୁମାର ବାରିକଙ୍କ ସଭାପତିତ୍ୱ ରେ ପରିଚାଳନା କମିଟିର ସଭାପତି ପରମେଶ୍ୱର ମହାନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷ ଯୁବରାଜ ହଂସ, ଉପାଧକ୍ଷ ପ୍ରତିମା ଶବର, କପିଳାଭଟା ସମିତି ସଭ୍ୟ କେଦାର ଭୋଇ, ପୁରାତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ହୁଲେଶ୍ୱର ହଂସ, ନାଏବ ସରପଞ୍ଚ ଝସକେତନ ସାହୁ , ସରପଞ୍ଚଙ୍କ ପ୍ରତିନିଧି ତେଜରାଜ ଭୋଇ, ବିଦ୍ୟାଳୟ କମିଟିର ସଭ୍ୟ କୁଷଧ୍ୱଜ ବେହେରା, ସହକାରୀ ଶିକ୍ଷକ ଶିବରାମ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ହୋଇ ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ନାମଲେଖା ହାରକୁ ବୃଦ୍ଧି କରିବା,ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ,ପ୍ରାରମ୍ଭିକସ୍ତର ପାଇଁ ଆକଳନ ରୂପରେଖ (ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ), ମା'ଙ୍କ ପାଇଁ ଗଛଟିଏ ୩.୦, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍ ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଚ୍ଛନ୍ନତା, ସ୍ୱଚ୍ଛତା ପକ୍ଷ ପାଳନ - ୨୦୨୬,ଘରେ ଘରେ ତ୍ରିରଙ୍ଗା -୨୦୨୬ କାର୍ଯ୍ୟକ୍ରମ, ସୁରଭି -୨୦୨୬,ଡିଜିଟାଲ ଦୁନିଆରେ ଆମ ପିଲାଙ୍କ ସୁରକ୍ଷା : ଅଭିଭାବକଙ୍କର ଭୂମିକା, ବୃତ୍ତି ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା,ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କର ଦାୟିତ୍ୱ, ଅଭିଭାବକ ମାନଙ୍କ ଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରାଯିବା ସହ ବିଭିନ୍ନ ପ୍ରସଙ୍ଗ ରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ବରୁଣ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ କିରଣ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷକ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati